# ୩ କିମି ଦୂର ଝରଣାରୁ ଶିକ୍ଷକ ବୋହୁଛନ୍ତି ପାଣି

**ଦାରିଙ୍ଗବାଡି,୩।୨ (ଅରୁଣ ସାହୁ )**

ଦାରିଙ୍ଗବାଡି ବ୍ଲକରେ ରହିଥିବା ବିଦ୍ୟାଳୟରେ ପିଇବାପାଣିର ସମସ୍ୟା ଦେଖାଦେଇଛି। ମଧ୍ୟାହ୍ନଭୋଜନ ପ୍ରସ୍ତୁତି ପାଇଁ ପାଣିକୁ ବାଇକ୍‌ରେ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ବୋହିବା ଘଟଣା ଏବେ ମୋବାଇଲରୁ ମୋବାଇଲ ଭାଇରାଲ ହେଉଛି। ଏଥିସହ ସାମାଜିକ ଗଣମାଧ୍ୟମରେ ସ୍ଥାନୀୟ ପ୍ରଶାସନ ଓ ଜିଲା ପ୍ରଶାସନକୁ ବିଦ୍ୟାଳୟ ପରିସରରେ ଏକ ନଳକୂପ ଖନନ କରିବାକୁ ପ୍ରଧାନ ଶିକ୍ଷକ ଅଜିତ କୁମାର ବେହେରାଦଳାଇ କାକୁତିମିନତି ହୋଇଥିବା ଘଟଣା ସାରା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ସେ ଉଲ୍ଲେଖ କରିଛନ୍ତି ଯେ, ଦେଶ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ କଲା। କିନ୍ତୁ ବୁଜୁଲି ବିଦ୍ୟାଳୟରେ ନଳକୂପଟିଏ ପ୍ରଶାସନ କରିପାରିଲା ନାହିଁ। ଆମେ ୩ କିମି ଦୂରରୁ ଝରଣା ପାଣି ବିଦ୍ୟାଳୟକୁ ବୋହୁଛୁ ବୋଲି କ୍ଷୋଭର ସହ ସେ ପ୍ରକାଶ କରିଛନ୍ତି। ଏଭଳି ନାହିଁ ନାହିଁରେ ବିଦ୍ୟାଳୟ ହେଉଛି ଉକ୍ତ ବ୍ଲକ ହାତୀମୁଣ୍ଡା ପଞ୍ଚାୟତ ଗଦାପୁର କ୍ଲଷ୍ଟରର ବୁଜୁଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଅନୁଦାନ ଖର୍ଚ୍ଚ କରୁଥିବା ବେଳେ ବୁଜୁଲି ବିଦ୍ୟାଳୟ ଖୋଲିବା ଦିନଠାରୁ ଅବହେଳିତ ହୋଇ ରହିଛି। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଯାଏ ୯୧ ଜଣ ଛାତ୍ରୀଛାତ୍ର ଶିକ୍ଷାଦାନ କରୁଥିବା ବେଳେ ସେମାନଙ୍କୁ ଶିକ୍ଷାଦାନ କରିବାକୁ ମାତ୍ର ୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି ହେଲେ ଆଠଟି ଶ୍ରେଣୀକୁ ମାତ୍ର ଦୁଇଟି ଶ୍ରେଣୀକକ୍ଷ ରହିଛି । ଯାହାକି ପାଠ ପଢାଇବା ପାଇଁ ହଇରାଣ ହେଉଥିବା ପ୍ରଧାନ ଶିକ୍ଷକ ଅଜିତ କୁମାର ବେହେରାଦଳାଇ କହିଛନ୍ତି। ସେହିପରି ସବୁଠାରୁ ଦୁଃଖ ଓ କଷ୍ଟର ବିଷୟ ଉକ୍ତ ବିଦ୍ୟାଳୟରେ ନଳକୂପଟିଏ ନଥିବାରୁ ଛାତ୍ରୀଛାତ୍ରମାନଙ୍କ ପାଇଁ ମଧ୍ୟାହ୍ନଭୋଜନ ରୋଷେଇ ପାଇଁ ଓ ପିଇବା ପାଣି ଲାଗି ପ୍ରାୟ ୩ କିମି ଦୂର ଏକ ଝରଣାରୁ ଅଶୁଦ୍ଧ ପାଣି ବାଇକ୍ ଯୋଗେ ଶିକ୍ଷକମାନେ ଛୁଟିଦିନ ବ୍ୟତୀତ ପ୍ରତିଦିନ ବୋହି ଆଣିବାକୁ ପଡୁଛି ବୋଲି ପ୍ରଧାନଶିକ୍ଷକ ପ୍ରକାଶ କରିଛନ୍ତି। ସେହିପରି ବୁଜୁଲି ବିଦ୍ୟାଳୟରେ ପାଇଖାନାଟିଏ ନାହିଁକି ସ୍ୱଚ୍ଛ ପିଇବାପାଣିର ବ୍ୟବସ୍ଥା ନାହିଁ।

ସେହି ବିଦ୍ୟାଳୟରେ ମୁଖ୍ୟଫାଟକ, ପାଚେରି, ଖେଳପଡିଆ ଭଳି ସମସ୍ୟା ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନରେ ଖରାପ ପ୍ରଭାବ ପକାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଦାରିଙ୍ଗବାଡି ବିଇଓ ରସାନନ୍ଦ କର କହିଛନ୍ତି ଯେ, ସେଠାରେ ନଳକୂପ ନଥିବାରୁ ତା' ନିକଟରେ ଥିବା ବିଦ୍ୟାଳୟର ନଳକୂପରୁ ପାଣି ଅଣାଯାଉଥିଲା। ଏବେ ସେଠାକାର ସ୍ଥିତି କ'ଣ ଅଛି ସେ ତଦନ୍ତ ପରେ ଜାଣିପାରିବେ ବୋଲି କହିଛନ୍ତି ।



ବାଇକ୍‌ରେ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ପାଣି ବୋହୁଛନ୍ତି ।

- ବୁଜୁଲି ବିଦ୍ୟାଳୟରେ ପିଇବା ପାଣି ନାହିଁ
- ନଳକୂପ ବସାଇବାକୁ ପ୍ରଶାସନକୁ ନିବେଦନ
- ୨ କୋଠରିରେ ୮ ଶ୍ରେଣୀର ୯୧ ଛାତ୍ରୀଛାତ୍ର

## ସଂକ୍ଷେପରେ

### ସ୍କୁଲ ପରିସରରେ ମହୁମାଛି ଆତଙ୍କ

ଫିରିଙ୍ଗିଆ,୩।୨(ବିକ୍ରମ ଦିଗାଲ)

ଫିରିଙ୍ଗିଆ ବ୍ଲକ ପରିସରରେ ଥିବା ସରକାରୀ ଉନ୍ନୀତ ବିଦ୍ୟାଳୟରେ ଶନିବାର ସକାଳେ ମହୁମାଛି ଆତଙ୍କ ଦେଖିବାକୁ ମିଳିଥିଲା। ପ୍ରତି ଦିନ ପରି ଛାତ୍ରୀଛାତ୍ର ଏକାଠି ହୋଇ ପ୍ରାର୍ଥନା କରିବା ସମୟରେ ହଠାତ ମହୁମାଛି ମାଡି ଆସିଥିଲେ। ଏଥିରେ ସମସ୍ତେ ଭୟଭୀତ ହୋଇ ଏଣେତେଣେ ଧାଇଁବାରେ ଲାଗିଥିଲେ। ସେଥିରେ ଉପସ୍ଥିତ ଥିବା ଖେଳ ଶିକ୍ଷକ ବାସୁଦେବ ସାହାଣୀ ସମସ୍ତ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ସହିତ ପ୍ରତ୍ୟେକ ଶ୍ରେଣୀରେ ପହଞ୍ଚାଇଥିଲେ। ସ୍କୁଲ ପରିସରରେ ଥିବା ବିଶାଳ ଶିମିଳି ଗଛରେ ଏହି ମହୁମାଛି ବସା ବାନ୍ଧିଥିବାରୁ ଗଛକୁ କାଟିବା ପାଇଁ ବନ ବିଭାଗ ଅଧିକାରୀ ରବୀନ୍ଦ୍ର କୁମାର ପାତ୍ରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

### ଜଙ୍ଗଲ ନିଆଁ ନିରାକରଣ ଅଭିଯାନ

ଫିରିଙ୍ଗିଆ,୩।୨ (ବିକ୍ରମ ଦିଗାଲ)

ଫିରିଙ୍ଗିଆ ବ୍ଲକ ବନ ବିଭାଗ ତରଫରୁ ନୂଆପଦର ସେକ୍ସନରେ ଫିରିଙ୍ଗିଆ ବନ ଅଧିକାରୀ ରବୀନ୍ଦ୍ର କୁମାର ପାତ୍ରଙ୍କ ନେତୃତ୍ୱରେ ଶନିବାର ଜଙ୍ଗଲ ନିଆଁ ପ୍ରତିରୋଧ ନିବାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନପାଳ ନୂଆପଦର ସେକ୍ସନର ବ୍ରଜ ସୁନ୍ଦର ଦାସ, ପାହାଡ଼ର ଟିମ ଲିଡର, ପଞ୍ଚାୟତ ନିର୍ବାହୀ ଅଧିକାରୀ ଚକ୍ରଧର ମହାରଣା, ମିଶନ ଶକ୍ତିର ଏମ୍.ବି.କେ ଶ୍ରୀଦେବୀ ଦେହୁରୀ, ନୂଆପଦର ସରପଞ୍ଚ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବହୁ ସଂଖ୍ୟାରେ ଏହି କାର୍ଯ୍ୟକ୍ରମ ଉପସ୍ଥିତ ଥିଲେ। ଜଙ୍ଗଲରେ ନିଆଁ ଲାଗିଲେ କିଭଳି ନିଆଁକୁ ଆୟତ୍ତ କରାଯାଇ ପାରିବ ସେଥିପାଇଁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।

### ପାଙ୍ଗଖଣ୍ଡା ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

ବାଲିଗୁଡ଼ା, ୩।୨ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ାସ୍ଥିତ ପାଙ୍ଗଖଣ୍ଡା ପବ୍ଲିକ ସ୍କୁଲର ୨୬ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପବାଚସ୍ପତି ତଥା ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ଖଣ୍ଡୀୟ ବନାଧିକାରୀ ବିଶ୍ୱରାଜ ପଣ୍ଡା, ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ମହେଶ୍ୱର ମାଝୀ ପ୍ରମୁଖ ଉପସ୍ଥିତ ରହି ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣପୂର୍ବକ ଦୀପ ଧୂପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ସମ୍ପାଦକ ସେକ୍ ସାଦିକ୍ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ରଶ୍ମିପ୍ରଭା ଦାସ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଉପସଭାପତି ଡ. ବିଚିତ୍ରାନନ୍ଦ ଆଚାର୍ଯ୍ୟ ଶିଶୁଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କୃତ କରାଯାଇଥିଲା।

# ରଣପାଟୁଳି ବିଦ୍ୟାଳୟରେ ବାର୍ଷିକ ଉତ୍ସବ



ଜଣେ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଖଜୁରିପଡା,୩।୨( ବିଦୁର ବେହେରା): ଖଜୁରିପଡ଼ା ବ୍ଲକ ଆର ନୁଆଁଗାଁ ରଣପାଟୁଳି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ପ୍ରଧାନ ଶିକ୍ଷକ ସରୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିବା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଜୁରିପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନିମା କହଁର ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ସମ୍ମାନୀତ ଭାବେ ଜିଲା ପରିଷଦ ସଦସ୍ୟା ଉର୍ବଶୀ ଦିଗାଲ, ସରପଞ୍ଚ ସ୍ୱର୍ଣ୍ଣଲତା କହଁର, ଜିଲା ସମାଜ ମଙ୍ଗଳ ଅଧିକାରୀ ରବିନାରାୟଣ ମିଶ୍ର, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଉମେଶ ଚନ୍ଦ୍ର ପ୍ରଧାନ, ପ୍ରତିଷ୍ଠାତା ଅଧିକାରୀ ଦେବେନ୍ଦ୍ରନାଥ ପାତ୍ର, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପିତାମ୍ବର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର କହଁର ଏବଂ ଗ୍ରାମର ମୁଖ୍ୟ ବରିଷ୍ଠ ନାଗରୀକ ଗୌତମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ରଣପାଟୁଳି ସେବାଶ୍ରମ ଶିକ୍ଷକ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ନିର୍ଦ୍ଦେଶନା ଦେଇଥିବା ବେଳେ ମଞ୍ଚ ପରିଚାଳନା ଶିକ୍ଷୟିତ୍ରୀ ପଦ୍ମିନୀ ପାଳ କରିଥିବା ବେଳେ ସବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ବୀଣାପାଣି ମହାପାତ୍ର, ବବିତା ସାମାନ୍ତରାୟ, ଜୋସ୍ନାରାଣୀ ତ୍ରିପାଠୀ, ସଂଗ୍ରାମ କେଶରୀ ବେହେରା, ପ୍ରଶାନ୍ତ ବେହେରା, ସୁଧାଂଶୁ ଶେଖର ବେହେରା, ଅସିତ କୁମାର ନାୟକ, ଲୀନାରାଣୀ ସେନାପତି, ସିପୁନ ବେହେରା, ଚନ୍ଦ୍ରମୋହନ ମାଝୀ କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ସହଯୋଗ କରିଥିଲେ।

# ନାବାଳିକାଙ୍କୁ ବିବାହ କରି ଯୁବକ ଫେରାର

## ଅଢେ଼ଇ ବର୍ଷ ପରେ ଥାନାରେ ଏତଲା

ଫୁଲବାଣୀ, ୩।୨(ରାକେଶ କୁମାର ରାଉତ)

ନାବାଳିକାଙ୍କ ସହ ପ୍ରଥମେ ସମ୍ପର୍କ ପରେ ବିବାହ। ହେଲେ ୧୫ ଦିନ ପରେ ଫେରାର ହୋଇଗଲେ ଯୁବକ। ଏହି ଘଟଣାକୁ ଅଢ଼େଇ ବର୍ଷ ବିତିବା ପରେ ସ୍ୱାମୀଙ୍କ ବିରୋଧରେ ଥାନାରେ ଏତଲା ଦେଇଛନ୍ତି ସ୍ତ୍ରୀ। ଏଭଳି ଘଟଣା ଘଟିଛି କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅଞ୍ଚଳରେ। ଯୁବକ ଜଣକ ହେଲେ ଦାରିଙ୍ଗବାଡି ଥାନା ଅଞ୍ଚଳର ସନତ ପ୍ରଧାନ। ସୂଚନା ଅନୁଯାୟୀ, ପ୍ରାୟ ୪ ବର୍ଷ ତଳେ କୌଣସି କାମରେ ସେ ସମ୍ପୃକ୍ତା ଗ୍ରାମକୁ ଆସିଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ସେ ତାଙ୍କ ସହ ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ସେତେବେଳେ ନାବାଳିକାଙ୍କୁ ୧୭ ବର୍ଷ ହୋଇଥିଲା। ପୀଡ଼ିତାଙ୍କ ମା'ଘରକୁ ଫେରି ଏ ସମ୍ପର୍କରେ ଅବଗତ ହେବା ପରେ ଗାଁ ଲୋକଙ୍କୁ ବୈଠକ ଡକାଇଥିଲେ। ଭଦ୍ର ଲୋକଙ୍କ ଉପସ୍ଥିତିରେ ଉଭୟ ପରିବାର ଆଲୋଚନା କରି ଏକା ଜାତିର ହୋଇଥିବାରୁ ଆଇନର ଆଶ୍ରୟ ନେବା ବଦଳରେ ନାବାଳିକାଙ୍କୁ ୧୮ ବର୍ଷ ହେବା ପରେ ବିବାହ କରିବାକୁ ଦିନ ଧାର୍ଯ୍ୟ ହୋଇଥିଲା। ତେବେ ଇତି ମଧ୍ୟରେ କରୋନା ଆସିଯିବା ଯୋଗୁ ବାହାଘର ହୋଇ ପାରି ନଥିଲା। ପରେ ୨୦୨୧ ମସିହାରେ ସାମାଜିକ ପ୍ରଥା ଅନୁସାରେ ବିବାହ ସମ୍ପନ୍ନ ହୋଇଥିଲା। ତେବେ ବିବାହର ୧୫ ଦିନ ମଧ୍ୟରେ ସ୍ୱାମୀ ଘରଛାଡ଼ି କେଉଁଆଡ଼େ ଫେରାର ହୋଇ ଯାଇଥିଲେ। ଏହି ଘଟଣାକୁ ଏବେ ଅଢେଇ ବର୍ଷ ବିତି ଯାଇଥିବା ବେଳେ ଗତ ୩୦ ତାରିଖରେ ସ୍ତ୍ରୀ ସାମୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଏତଲା କ୍ରମେ ପୋଲିସ ନଂ. ୩୧/୨୪ରେ ମାମଲା ଦାଏର କରିଛି। ବଳାତ୍କାର ସମୟରେ ସେ ନାବାଳିକା ଥିବାରୁ ଯୁବକଙ୍କ ବିରୋଧରେ ପୋକସୋ ଆଇନ ଅନୁସାରେ ମାମଲା ରୁଜୁ ହୋଇଛି। ସେହିପରି ଏତାଲାରେ ଶାଶୁ ଓ ଶ୍ୱଶୁର ମଧ୍ୟ ତାଙ୍କୁ ଶାସରୁଦ୍ଧ କରି ମାରିବାକୁ ଉଦ୍ୟମ କରିଥିବା ଦର୍ଶାଯାଇଛି। ଘଟଣାର ତଦନ୍ତ ଚାଲିଥିବା ବେଳେ ଯୁବକଙ୍କୁ ଗିରଫ କରାଯାଇ ନ ଥିବା ତଦନ୍ତକାରୀ ଅଧିକାରୀ ଅଜୟ କୁମାର ସାହୁ ସୂଚନା ଦେଇଛନ୍ତି।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଶୁଭାରମ୍ଭ

ପାରଳାଖେମୁଣ୍ଡି,୩।୨ (ଗିରିଧାରୀ ପରିଛା)

ପାରଳାଖେମୁଣ୍ଡି ନିର୍ବାଚନୀ ମଣ୍ଡଳୀରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। କାଶୀନଗର ବ୍ଲକ ଖାରଡା ପଞ୍ଚାୟତ ଧନସରା ଗ୍ରାମରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଓ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନାର ବିଷୟରେ ଲୋକଙ୍କୁ ସଚେତନ କରାଯାଇଥିବା ଜିଲା ବିଜେଡି ଯୁବ ସଭାପତି ଏସ.ଲିଙ୍ଗରାଜ କହିଛନ୍ତି। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ପ୍ରଦୀପ ନାୟକ, ଜମିଦାର ପଟ୍ଟନାୟକ, ଏସ. ବାଲ ରାଜୁ, ଲକ୍ଷ୍ମୀକାନ୍ତ ପରିଛା,ଇଂ ରୂପେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତି ଥିଲେ।

# ନାଳ କାମରେ ଅନିୟମିତତା ଅଭିଯୋଗ



ନିର୍ମାଣାଧୀନ ନାଳ ଓ ରାସ୍ତାରେ ଗଦା ହୋଇଥିବା ଚିପ୍ସ୍ ଓ ବାଲି।

ପାରଳାଖେମୁଣ୍ଡି,୩।୨ (ଗିରିଧାରୀ ପରିଛା)

ପାରଳାଖେମୁଣ୍ଡି ପୌରପରିଷଦ ୧୪ନଂ. ୱାର୍ଡ ଅନ୍ତର୍ଗତ ବାଟଗୌଡ ସାହିର ନାଳ କାମ ଠିକ୍ ଭାବେ ହେଉ ନ ଥିବା ଅଭିଯୋଗ ହୋଇଛି। ସାହିବାସିନ୍ଦାଙ୍କ ସୂଚନା ଅନୁଯାୟୀ, ଗତ ୨୦ ଦିନ ହେଲା ସାହିର ପୁରୁଣା ନାଳକୁ ପୁନରୁଦ୍ଧାର କରିବା ପାଇଁ ପୌର ପରିଷଦ ପକ୍ଷରୁ କାମ ଆରମ୍ଭ ହୋଇଛି। ନୂତନ ନାଳ ନିର୍ମାଣ ସହ ଏହା ଉପରେ ସିମେଣ୍ଟରେ ସ୍ଲାପ ପକାଇବା ନିମନ୍ତେ ଅର୍ଥ ବ୍ୟୟବରାଦ ହୋଇଛି। ହେଲେ ନାଳ କାମ ଧିମାଗତିରେ ଚାଲିଥିବା ବେଳେ ନିମ୍ନମାନର କାର୍ଯ୍ୟ ହେଉଥିବା ସାହିବାସିନ୍ଦା ଜଣାଇଛନ୍ତି। ରାସ୍ତା ଉପରେ ବାଲି ସିମେଣ୍ଟ,ଚିପ୍ସ ପଡିରହିଥିବା ଯୋଗୁଁ ଯାତାୟାତ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏଥିସହ ସାହିର କେତେଜଣଙ୍କ ଘର ବାରଣ୍ଡା ନ ଭଙ୍ଗା ଯାଉନ ଥିବା ଅଭିଯୋଗ କରିଛନ୍ତି। ପୌର ପ୍ରଶାସନ ତୁରନ୍ତ ନାଳ କାମ ସାରିବା ସହ ଠିକ ଭାବେ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସଲାଗୁଡ଼ା ପଞ୍ଚାୟତରେ ବିଏସ୍‌ଏଫ୍‌ର ଜନସମ୍ପର୍କ ଶିବିର

ଗୋଚ୍ଛାପଡ଼ା,୩।୨(ରୋହିତ କହଁର)

କନ୍ଧମାଳ ଜିଲାରେ ମାଓ ଦମନ ଅଭିଯାନରେ ନିୟୋଜିତ ସୀମା ସୁରକ୍ଷା ବଳ ସ୍ଥାନୀୟ ଜନସାଧାରଣଙ୍କ ନିକଟତର ହେବା ଉଦ୍ଦେଶ୍ୟରେ ବିଏସ୍‌ଏଫ୍‌ର ୯୯ ବାଟାଲିୟନ ପକ୍ଷରୁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି କ୍ରମରେ ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡ଼ା ଥାନା ସଲାଗୁଡ଼ା ପଞ୍ଚାୟତ ନେଡିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଏକ ଜନସମ୍ପର୍କ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ନେଡିପଦର, କୁମ୍ଭାରଖୋଲ, ବୁଢାପାଜୁ, ସଲାଗୁଡ଼ା, ପିଡିଆପାଙ୍ଗା, ମୁଣ୍ଡାସାହି, ବାକେପାଙ୍ଗା ଓ ଜାଲାପଦର ଗ୍ରାମର ଶତାଧିକ ଲୋକ ଯୋଗ ଦେଇଥିଲେ। ବିଏସ୍‌ଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଯୋଗେନ୍ଦ୍ର ସିଂ ଏବଂ ଅନ୍ୟ ଅଧିକାରୀ ଓ ଯବାନମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ସଲାଗୁଡା ସରପଞ୍ଚ ରୋହିତ କହଁର, ୱାର୍ଡ ମେମ୍ବର ଯୋଗନାଥ ଦିଗାଲ, ସାବିତ୍ରୀ କହଁର, ପ୍ରଧାନ ଶିକ୍ଷକ ବ୍ରହ୍ମା ବେହେରା, ଶିକ୍ଷକ ଶେଷଦେବ ସାହୁ, ଜନେତା ଦିଗାଲ, ଅଙ୍ଗନୱାଡି କର୍ମୀ ଯଶୋଦା ଦିଗାଲ ଓ ମୁଗୁରା କହଁର ପ୍ରମୁଖ ଯୋଗ ଦେଇ ସ୍ଥାନୀୟ ଲୋକଙ୍କୁ ବିଭିନ୍ନ କ୍ରୀଡ଼ା ଓ ଘରକରଣା ସାମଗ୍ରୀ ସହିତ ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। ଶିବିରରେ ୯ଟି ଗ୍ରାମର ୪୦୧ ଗ୍ରାମବାସୀ ଯୋଗ ଦେଇଥିଲେ।




ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଉଛି।

# ଅଗ୍ନିକାଣ୍ଡରେ ଶତାଧିକ କୁକୁଡ଼ା ଜଳିଗଲେ

ବୁଗୁଡ଼ା,୩।୨ (କାଳିଚରଣ ଦାଶ): ବୁଗୁଡ଼ା ବ୍ଲକ ଅନ୍ତରପଡା ପଞ୍ଚାୟତ ଅନ୍ତର୍ଗତ ମାଣିକପୁର ଗ୍ରାମରେ ଶନିବାର ଅଗ୍ନିକାଣ୍ଡ ଘଟି ଗୋଟିଏ ଘର ସହ ଏକ କୁକୁଡ଼ା ଫାର୍ମ ଜଳିଯାଇଛି। ଅଗ୍ନିକାଣ୍ଡରେ ଅନେକ କୁକୁଡ଼ା ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ସନ୍ଧ୍ୟାରେ ମାଣିକପୁର ଗ୍ରାମର ଶେଷ ମୁଣ୍ଡରେ ଘର କରି ରହୁଥିବା ଛବି ନାୟକଙ୍କ ଘରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ଘରଟି ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ନିକଟରେ ଥିବା ତାଙ୍କର କୁକୁଡ଼ା ଫାର୍ମରେ ମଧ୍ୟ ନିଆଁ ଲାଗିଯାଇଥିଲା। ଫଳରେ ଫାର୍ମରେ ଥିବା ପ୍ରାୟ ୪ ଶହ କୁକୁଡ଼ା ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି । ବୁଗୁଡ଼ାରୁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାପଡିଛି।

# ଛେଲାଗଡ଼ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

ଆର.ଉଦୟଗିରି,୩।୨(ମନୋଜ କୁମାର ପାଢୀ)

ଆର୍. ଉଦୟଗିରି ବ୍ଲକ୍ ଛେଲାଗଡ଼ ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଜିଲା ବିଜେଡ଼ି ସଭାପତି ଜଗବନ୍ଧୁ ଦାସ ନିଜ ଗାଁ ଛେଲାଗଡ଼ରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ଆମ ଓଡିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମକୁ ଆର. ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲରିମନ୍ ଖର୍ସେଲ୍ ଆରମ୍ଭ କରିଥିଲେ। ସେଠାରେ ମୁଖ୍ୟ ଅତିଥି ଭାବେ ଜିଲା ବିଜେଡ଼ି ସଭାପତିଙ୍କ ସମେତ ଜିଲା ପରିଷଦ ସଭ୍ୟା ଜମୁନା ଦଳବେହେରା, ସ୍ଥାନୀୟ ସରପଞ୍ଚ ଡ଼ାଲିମ୍ବ ଗମାଙ୍ଗ, ସମିତିସଭ୍ୟା ଶିବାନୀ ବେହେରଦଳାଇ, ପ୍ରଧାନ ଶିକ୍ଷକ ସର୍ମରାଜ ସାମଲ, ଏପିଓ, ବିପିଏମ୍, ସାମାଜିକ କର୍ମୀ, ପଞ୍ଚାୟତର ସମସ୍ତ ଏସ୍‌ଏଚଜି ସଭ୍ୟା ଉପସ୍ଥିତ ରହିଥିଲେ। ରାଜ୍ୟ ସରକାରଙ୍କ ଜନହିତକର ଯୋଜନାଗୁଡିକ ସମ୍ପର୍କରେ ଗ୍ରାମାଞ୍ଚଳର ଲୋକଙ୍କୁ ଅବଗତ କରାଯାଇଥିଲା। ମିଶନ ଶକ୍ତି ତରଫରୁ ପ୍ରଭାତୀ ମହିଳା ଗ୍ରୁପକୁ ୫ଲକ୍ଷ ଟଙ୍କା, ହୋସାନା ମହିଳା ଗ୍ରୁପକୁ ୪ ଲକ୍ଷ ଟଙ୍କାର ଋଣ ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିପିଇଓ ତଥା ପିଇଓ ଶଶାଙ୍କ ଶେଖର ସୁବୁଦ୍ଧି ପରିଚାଳନା କରିଥିବା ବେଳେ ପଞ୍ଚାୟତ କର୍ମଚାରୀମାନେ ସହଯୋଗ କରିଥିଲେ।

# ବରାଳ ଦେବୀ ମନ୍ଦିରରେ ହାଇମାଷ୍ଟ, ଷ୍ଟ୍ରିଟ୍ ଲାଇଟ୍ ଅଚଳ

ଖଜୁରିପଡ଼ା,୩।୨( ବିଦୁର ବେହେରା )- କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ବଲସକୁମ୍ପାଠାରେ କେଉଁ ଅନାଦି କାଳରୁ ଅଧିଷ୍ଠାତ୍ରୀ ଦେବୀ ମା' ବରାଳ ଦେବୀ ପୂଜା ପାଇ ଆସୁଛନ୍ତି। ଏହି ମନ୍ଦିରରେ ମା'ଙ୍କ ଦଶହରା ପୂଜା ବହୁ ଧୁମ୍‌ଧାମରେ ପାଳନ ହୁଏ। ଏହାକୁ ନଜରରେ ରଖି ହଜାର ହଜାର ଶ୍ରଦ୍ଧାଳୁ ରାଜ୍ୟ ତଥା ରାଜ୍ୟ ବାହାରୁ ମଧ୍ୟ ମା'ଙ୍କ ଦର୍ଶନ ପାଇଁ ଆସନ୍ତି। ପ୍ରତି ଦିନ ଦେଶ ବିଦେଶରୁ ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁ ମା'ଙ୍କ ମନ୍ଦିର ଦର୍ଶନ ଓ ପରିଭ୍ରମଣ ପାଇଁ ଆସନ୍ତି । ଏହି ମନ୍ଦିର ପରିଚାଳନା ପାଇଁ ମା' ବରାଳ ଦେବୀ ମନ୍ଦିର ପରିଚାଳନା କମିଟି ରହିଛି। ତାହା ସହିତ ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ମଧ୍ୟ ଏଥିରେ ଜଡ଼ିତ। ଏବେ ନିକଟରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମନ୍ଦିର ପରିଦର୍ଶନରେ ଆସି ମନ୍ଦିରର ଉନ୍ନତୀକରଣ ପାଇଁ ୨ କୋଟି ୯୯ ଲକ୍ଷ ୩ ହଜାର ଟଙ୍କା ଅନୁମୋଦନ ମିଳିଛି। ସେହି ଟଙ୍କାରେ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ ଏହି ମନ୍ଦିରର ଆଲୋକୀକରଣ ପାଇଁ ଅଧ୍ୟକ୍ଷା ଅନିମା କହଁର ଗୋଟିଏ ହାଇମାଷ୍ଟ ଲାଇଟ ଲଗାଇଥିବା ବେଳେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କହଁର ୩ଟି ହାଇମାଷ୍ଟ ଲାଇଟ ଲଗାଇଥିଲେ। ତାହା ରକ୍ଷଣାବେକ୍ଷଣ ଅଭାବରୁ କିଛି ବର୍ଷ ପରେ ଖରାପ ହୋଇ ଏବେ ଜଳୁନାହିଁ। ମା' ବରାଳ ଦେବୀ ମନ୍ଦିର ଚତୁଃ ପାର୍ଶ୍ୱ ଅନ୍ଧକାର ଦେଖାଯାଉଛି। ଲାଇଟ୍ ମରାମତି ପାଇଁ ମନ୍ଦିର ପରିଚାଳନା କମିଟି ଅନେକ ଥର ବ୍ଲକକୁ ଜଣାଇ ବିଡିଓ ଏବଂ ଅଧ୍ୟକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିଥିବା ମନ୍ଦିର ସଭାପତି ଚିତ୍ତରଞ୍ଜନ ପ୍ରଧାନ କୁହନ୍ତି। ସେହିପରି ମନ୍ଦିର ପରିଚାଳନା କମିଟି ସମ୍ପାଦକ ସଞ୍ଜୟ କୁମାର କହଁରଙ୍କ କହିବା ଅନୁଯାୟୀ ଏହି ଲାଇଟ୍ ସମସ୍ୟାକୁ ନେଇ ସେ ତତ୍କାଳୀନ ବିଡିଓଙ୍କୁ କହିବାରୁ ଲାଇଟ ମରାମତି କରିଥିଲେ। କିନ୍ତୁ ଏବେ ଲାଇଟ୍ ଖରାପ ଥିବା ନେଇ ବର୍ତ୍ତମାନର ବିଡିଓଙ୍କୁ ଜଣାଇଥିଲେ ସୁଦ୍ଧା ଏହା ଉପରେ ସେ କିଛି ପଦକ୍ଷେପ ନେଇ ନ ଥିବା ପ୍ରକାଶ କରିଛନ୍ତି। ଏ ନେଇ ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା। ଅନ୍ୟପଟେ ଏ ସମ୍ବନ୍ଧରେ ବଲସକୁମ୍ପା ଗ୍ରାମ ପଞ୍ଚାୟତର ସରପଞ୍ଚ ଅମ୍ବିକା କହଁରଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି, ସେ ଏହି ସମସ୍ୟା ଉପରେ ଅବଗତ ଅଛନ୍ତି ; କିନ୍ତୁ ଦୁଇ ମାସ ହେବ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଦୋନ୍ନତି ହୋଇ ଯିବା ପରେ ଏପର୍ଯ୍ୟନ୍ତ ସ୍ଥାୟୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଆସି ଯୋଗ ଦେଇ ନ ଥିବାରୁ କିଛି କରିପାରୁନୁ ବୋଲି କହିଛନ୍ତି। ଅନ୍ୟପକ୍ଷେ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁ ଅନ୍ଧାରରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସରକାର ଶୀଘ୍ର ଦୃଷ୍ଟି ଦେଇ ମନ୍ଦିର ଆଲୋକୀକରଣ କରିବା ପାଇଁ ମାଁ ଇଷ୍ଟଦେବୀ ଯୁବ କଳା ପରିଷଦ ଏବଂ ମାଁ ବରାଳ ଦେବୀ ଯୁବକ ସଂଘ ଦାବି କରିଛି।



# ମୋହନା ପ୍ରେସ କ୍ଲବର ବାର୍ଷିକୋତ୍ସବ



ମୋହନା,୩।୨(ମନ୍ମଥ ମିଶ୍ର):

ଗଜପତି ଜିଲା ମୋହନା ପ୍ରେସ କ୍ଲବ୍‌ର ତୃତୀୟ ବାର୍ଷିକ ଉତ୍ସବ ସ୍ଥାନୀୟ ବାଳିକା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବ୍ ସଭାପତି ପଞ୍ଚାନନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ସଦସ୍ୟ ବାବୁଲା ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ସୁମନ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀ, ମୁଖ୍ୟବକ୍ତା ଗୋଷ୍ଠି ଶିକ୍ଷାଧିକାରୀ ନରେନ୍ଦ୍ର କୁମାର ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗଜପତି ପ୍ରେସ କ୍ଲବର ଖବରଦାତା ବସନ୍ତ ପଣ୍ଡା, ଆର.ଉଦୟଗିରି ପ୍ରେସ କ୍ଲବ୍ ସଭାପତି ମମତାଜ୍ ମହମ୍ମଦ ଯୋଗଦେଇଥିଲେ। ବାବୁଲା ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ସୁମନ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋହନା ପ୍ରେସ କ୍ଲବ ଉପଦେଷ୍ଟା ଲକ୍ଷ୍ମଣ ଚୌଧୁରୀ, ଗଣେଶ ବିଷୋୟୀ, ଆଇନ ପରାମର୍ଶଦାତା ଦୁର୍ଯ୍ୟୋଧନ କରଡା, ଯୁବକ ସଂଘ ସମ୍ପାଦକ ଜିତେନ୍ଦ୍ର ବେହେରା, ଉପ ସଭାପତି ନୃସିଂହ ନାଥ ପୁଜାରୀ, କୋଷାଧ୍ୟକ୍ଷ ପିଣ୍ଟୁ ପ୍ରଧାନ, ସହ ସମ୍ପାଦକ ଅଂଶୁମାନ ପଣ୍ଡା, ସଦସ୍ୟ ବାଦଲ ବେହେରା, ଶ୍ରୀହରି ପ୍ରଧାନ, ମନ୍ମଥ ମିଶ୍ର, ଓମ ପ୍ରସାଦ ରଥ, ମୁକ୍ତି ମଣ୍ଡପ ଦଣ୍ଡସେନା, ମୋଜେସ ରଇତ, ବିମଳ ମଳିକ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ପଞ୍ଚାୟତସ୍ତରୀୟ ସଚେତନତା

ଆସିକା,୩।୨(ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ ଗୁଣ୍ଡପଡା ପଞ୍ଚାୟତରେ ଶନିବାର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକ, ବିଡିଓ ଫକୀର ଚରଣ ପରିଡା, ସିଡିପିଓ ଭାଗ୍ୟଲତା ପାତ୍ର, ସରପଞ୍ଚ ଶୈଳବାଳା ଦଳାଇ, ସମିତିସଭ୍ୟ ନାରାୟଣ ସ୍ୱାଇଁ, ଜିଲା ପରିଷଦ ସଦସ୍ୟା ଅନିମା ପରିଡା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ହୋଇଥିବା ବିଭିନ୍ନ ଜନାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇଥିଲା । ଜନସାଧାରଣ ଏହାର ସୁଯୋଗ ନେବା ପାଇଁ ଆହ୍ୱାନ ଦିଆଯାଇଥିଲା ।

## ଭାଜପା ନେତାଙ୍କ ପରଲୋକ

ବ୍ରହ୍ମପୁର,୩।୨(ନରସିଂହ ସାହୁ)

ଗଞ୍ଜାମ ସାଂଗଠନିକ ଜିଲା ଭାଜପା ସାଧାରଣ ସମ୍ପାଦକ ଏନ. ରାଜେନ୍ଦ୍ର କୁମାର (୪୬)ଙ୍କ ଶନିବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ପାର୍ଟିର ନେତା କାହ୍ନୁ ଚରଣ ପତି, ବିଭୁତି ଜେନା, ସୁବାସ ସାହୁ, ରାମ କୁମାର ପାତ୍ର, ସରୋଜ ସାବତ, ସୁନିଲ ସାହୁ, ପ୍ରଭାତ ଷଡ଼ଙ୍ଗୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ରାଜେନ୍ଦ୍ରଙ୍କ ଅକାଳ ବିୟୋଗ ଦ୍ୱାରା ସଂଗଠନ ଜଣେ ଟାଣୁଆ ନେତାଙ୍କୁ ହରାଇଥିବା କୁହାଯାଇଛି।

## ୬ ବର୍ଷ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ତ୍ରିକୋଣୀୟ ପ୍ରେମରୁ ହତ୍ୟା ମାମଲା**

ଦିଗପହଣ୍ଡି,୩।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଥାନା ସାନ କରଞ୍ଜେଇ ଗ୍ରାମର ଯୁବକ ନିରଞ୍ଜନ ମଲ୍ଲିକଙ୍କୁ ତ୍ରିକୋଣୀୟ ପ୍ରେମ ବ୍ୟାପାରକୁ ହତ୍ୟା କରାଯାଇଥିଲା। ଘଟଣା ପରଠାରୁ ଫେରାର ରହିଥିବା ଟାମଣା ଗ୍ରାମର ମୁଖ୍ୟ ଅଭିଯୁକ୍ତ ରାମ ମଲ୍ଲିକଙ୍କୁ ଦିଗପହଣ୍ଡି ପୋଲିସ ୬ ବର୍ଷ ପରେ ବ୍ରହ୍ମପୁର ସଦର କୋର୍ଟକୁ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଛି। ଜଣେ ମହିଳାଙ୍କ ସହ ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ନିରଞ୍ଜନ ଓ ଅଭିଯୁକ୍ତ ରାମଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ଲାଗି ରହିଥିଲା। ଯାହାକୁ ନେଇ ପରବର୍ତ୍ତୀ ସମୟରେ ମିତ୍ରପୁର ଗ୍ରାମର ମାଧବ ମଲ୍ଲିକଙ୍କ ଅଟୋରେ ଟାମଣା ଗ୍ରାମର ମିଟୁ ମଲ୍ଲିକ, ରଘୁ ମଲ୍ଲିକ ଓ ରାମ ମଲ୍ଲିକ କୌଶଳ କ୍ରମେ ନିରଞ୍ଜନଙ୍କୁ ଅପହରଣ କରି ନିକଟସ୍ଥ ଜଙ୍ଗଲରେ ହତ୍ୟା କରିଥିଲେ। ଅପରପକ୍ଷରେ ଭାଇ ନିଖୋଜ ନେଇ ସୋମନାଥ ମଲ୍ଲିକ ୨୦୧୭ ଅଗଷ୍ଟ ୨୫ ତାରିଖରେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ତତ୍କାଳୀନ ଥାନା ଅଧିକାରୀ ଦେବାଶିଷ ମହାନ୍ତି ଥାନା ମାମଲା ନଂ. ୧୩୯/୧୭ ପ୍ରକାରେ ମାମଲା ରୁଜୁ ତଦନ୍ତ ଆରମ୍ଭ କରିଥିଲେ। ଘଟଣାର ୪ ଦିନ ଅର୍ଥାତ୍ ୨୯ ତାରିଖରେ ନିକଟସ୍ଥ ଜଙ୍ଗଲରୁ ନିରଞ୍ଜନଙ୍କ ମୃତଦେହ ପୋଲିସ ଜବତ କରିବା ୩ ଅଭିଯୁକ୍ତ ମାଧବ ରଘୁ ଓ ମିଟୁଙ୍କୁ ପୋଲିସ ଗିରଫ କରିଥିଲା। ମୁଖ୍ୟ ଅଭିଯୁକ୍ତ ରାମ ଘଟଣା ଦିନଠାରୁ ବେଙ୍ଗାଲୁର ଫେରାର ହୋଇଯାଇଥିଲା। ତେବେ ଶୁକ୍ରବାର ରାମ ଟାମଣା ଗ୍ରାମକୁ ଆସିଥିବା ପୋଲିସ ଖବରପାଇ ତାଙ୍କୁ ଗିରଫ କରିଥିଲା।

## ବଳାତ୍କାର ମାମଲା, ୨ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୩।୨(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ପ୍ରମାଣ ଅଭାବରୁ ୨ ଅଭିଯୁକ୍ତ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି। ଶନିବାର ଫାଷ୍ଟଟ୍ରାକ ପୋକସୋ ଜଜ ଗଣେଶ୍ୱର ପତି ମାମଲାର ବିଚାର କରି ଆସିକା ଥାନା ଅଞ୍ଚଳର ରିଙ୍କୁ ନାୟକ ଓ ଏଥିରେ ସହଯୋଗ କରିଥିବା ଜଣେ ସମ୍ପର୍କୀୟ ରବି ନାୟକଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ବୁଗୁଡା ଅଞ୍ଚଳର ୧୬ ବର୍ଷର ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଉଭୟ ନାବାଳିକା ଓ ଅଭିଯୁକ୍ତ ଗ୍ରାମକୁ ଫେରୁଥିବା ଖବର ପାଇ ପୋଲିସ ବ୍ରହ୍ମପୁର ପହଞ୍ଚିଥିଲା। ୨୦୨୨ ଜାନୁଆରୀ ୭ ତାରିଖରେ ପୋଲିସ ନାବାଳିକାଙ୍କୁ ବ୍ରହ୍ମପୁର ରେଳଷ୍ଟେସନରୁ ଉଦ୍ଧାର କରିବା ସହ ଅଭିଯୁକ୍ତ ରିଙ୍କୁଙ୍କୁ କାବୁ କରିଥିଲା। ପୋଲିସ ନିକଟରେ ନାବାଳିକା କହିଥିଲେ ଯେ ରିଙ୍କୁ ତାଙ୍କୁ ଅପହରଣ କରି ତାଙ୍କ ସମ୍ପର୍କୀୟ ରବିଙ୍କ ଘରକୁ ନେଇଥିଲେ। ସେଠାରୁ ତାଙ୍କ ସହାୟତାରେ ସେ ଭୁବନେଶ୍ୱର, ବାଲେଶ୍ୱର ଓ ରାଉରକେଲା ନେଇଥିଲେ। ସେଠାରେ ଏକ ମନ୍ଦିରରେ ବିବାହ କରିଥିଲେ। ପରେ ତାମିଲନାଡୁ ନେଇ ଶାରୀରିକ ସମ୍ପର୍କ ରଖିଥିଲେ ବୋଲି ବୟାନ ରଖିଥିଲେ। ପୋଲିସ ମାମଲା ନମ୍ବର ୫୮୧/୨୧ ରେ ରିଙ୍କୁ ଓ ତାଙ୍କ ସହଯୋଗୀ ରବିଙ୍କୁ ଗିରଫ କରିଥିଲା। କିଛିମାସ ପରେ ସେମାନଙ୍କୁ ଜାମିନ ମିଳିଥିଲା। ୧୧ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ମୁଦାଲାଙ୍କ ପକ୍ଷରୁ ସୁନୀଲ କୁମାର ସ୍ୱାଇଁ ମାମଲା ପରିଚାଳନା କରିଥିଲେ।

# ଦକ୍ଷିଣ ଓଡ଼ିଶାକୁ ରେଳ ବିଭାଗର ଅବହେଳା, ଆନ୍ଦୋଳନ ଚେତାବନୀ

ବ୍ରହ୍ମପୁର,୩।୨(ଅଶୋକ କୁମାର ସାହୁ)

ସଂପ୍ରତି କେନ୍ଦ୍ରୀୟ ବଜେଟରେ ରେଳ ବିଭାଗ ଦ୍ୱାରା ଉପସ୍ଥାପିତ ଅଟକଳରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯେଉଁ ପ୍ରସ୍ତାବ ରଖିଛନ୍ତି ସେଥିରେ ଗଞ୍ଜାମ ଜିଲା ତଥା ଦକ୍ଷିଣ ଓଡିଶାର ଜନସାଧାରଣଙ୍କ ପ୍ରତି ଚରମ ଅବହେଳା କରାଯାଇଛି। ଯଦି ଏଥିରେ ସଂଶୋଧନ କରା ନ ଯାଏ ତେବେ ଜନ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଶନିବାର ଗଞ୍ଜାମ ଜିଲା ବିକାଶ ମଞ୍ଚ ତରଫରୁ ଚେତାବନୀ ଦିଆଯାଇଛି। ମଞ୍ଚ ତରଫରୁ କୁହାଯାଇଛି ଯେ, କଂଗ୍ରେସ ଶାସନ ସମୟରେ ଶୀତଳାପଲୀଠାରେ ରେଳଡବା କାରଖାନା ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇ ବଜେଟରେ ଅର୍ଥ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଉକ୍ତ ପ୍ରସ୍ତାବକୁ ଅନିଶ୍ଚିତତା ମଧ୍ୟକୁ ଠେଲି ଦିଆଯାଇଛି। ସେହିପରି ଗୋପାଳପୁର-ସମ୍ବଲପୁର ରେଳ ସଂଯୋଗୀକରଣ ହେଲେ ଦକ୍ଷିଣ ଓଡିଶା ଓ ପଶ୍ଚିମ ଓଡିଶା ମଧ୍ୟରେ ସଂପର୍କ ସ୍ଥାପନ ହୋଇପାରନ୍ତା। ସେହି ପ୍ରସ୍ତାବ ପାଇଁ ମଧ୍ୟ ଅର୍ଥ ବ୍ୟବସ୍ଥା କରାଯାଇନାହିଁ। ବହୁ ଆନ୍ଦୋଳନ ସତ୍ତ୍ୱେ ବ୍ରହ୍ମପୁର ଠାରୁ ପୁରୀକୁ ସିଧାସଳଖ ଟ୍ରେନ, ଦୈନିକ ଗଞ୍ଜାମରୁ ଶହ ଶହ ଶ୍ରମିକ ସୁରଟ ଯାଉଥିବା ବେଳେ ବ୍ରହ୍ମପୁରରୁ ସୁରଟ ପର୍ଯ୍ୟନ୍ତ ଟ୍ରେନର ବ୍ୟବସ୍ଥା ହୋଇ ପାରିଲା ନାହିଁ। ଜଗନ୍ନାଥପୁର ରେଳଷ୍ଟେଶନ ନିକଟସ୍ଥ ଫାଟକ ଉଠାଇ ଏକ ଓଭର ବ୍ରିଜ ନିର୍ମାଣ ପାଇଁ ମଧ୍ୟ ବହୁ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲେ ମଧ୍ୟ ନିର୍ମାଣର ଆଶା ମଉଳି ଯାଉଛି। ଫାଟକ ବନ୍ଦ ଥିବା ସମୟରେ ଉଭୟ ପାର୍ଶ୍ୱରେ ଶହ ଶହ ଯାନ ବାହାନ ଅଟକି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି । ଫାଟକର ଉଭୟ ପାର୍ଶ୍ୱ ରାସ୍ତାର ଅବସ୍ଥା ମଧ୍ୟ ଶୋଚନୀୟ। ଗଣମାଧ୍ୟମରେ ଏ ସମ୍ପର୍କିତ ଖବର ପ୍ରକାଶିତ ହେଲେ ମଧ୍ୟ କର୍ତ୍ତୃପକ୍ଷ କୌଣସି ଦୃଷ୍ଟି ଦେଉ ନାହାନ୍ତି। ଗଞ୍ଜାମ ଜିଲା ପ୍ରତି ରେଳ ବିଭାଗର ବୈମାତୃକ ମନୋଭାବ ଅତ୍ୟନ୍ତ ନିନ୍ଦନୀୟ ବୋଲି ବୋଲି ଗଂଜାମ ଜିଲା ବିକାଶ ପରିଷଦ ତରଫରୁ ସଭାପତି ରାଜେନ୍ଦ୍ର କୁମାର ପଣ୍ଡା,କାମରାଜୁ ମହାରଣା,ଅଶୋକ କୁମାର ଦଳେଇ ପ୍ରତିବାଦ କରିଛନ୍ତି। ଦକ୍ଷିଣ ଓଡ଼ିଶା ପ୍ରତି ରେଳମନ୍ତ୍ରୀଙ୍କ ଏଭଳି ଅବହେଳା ବିରୋଧରେ ଜନ ଆନ୍ଦୋଳନ କରାଯିବ ବୋଲି ଗଞ୍ଜାମ ଜିଲା ବିକାଶ ମଞ୍ଚ କହିଛି।

# ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ




ପୋଲିସ ପକ୍ଷରୁ ଡାଲା ଅଟୋକୁ ଯାଞ୍ଚ କରାଯାଉଛି।

ବ୍ରହ୍ମପୁର, ୩।୨ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ଜିଲା ଅଧୀନରେ ଥିବା ସମସ୍ତ ଥାନା ପକ୍ଷରୁ ରାତ୍ରିକାଳୀନ ନାକାବନ୍ଦୀ ଆରମ୍ଭ ହୋଇଛି। ଲୋକଙ୍କ ଧନ ଜୀବନ ସୁରକ୍ଷା ସାଙ୍ଗକୁ ଅପରାଧ ନିୟନ୍ତ୍ରଣ ପାଇଁ ପୋଲିସ ସହରର ବିଭିନ୍ନ ପ୍ରବେଶ ପଥରେ ଯାତାୟାତ କରୁଥିବା ଯାନବାହନ ଗୁଡିକ ଅଟକାଇ ଯାଞ୍ଚ କରୁଛି। କାର ଗୁଡିକର ପଛପଟ ଡିକି ବାହାର କରି ସେଥିରେ ଥିବା ଜିନିଷପତ୍ର ଗୁଡିକ ମଧ୍ୟ ଯାଂଚ କରୁଛି। ସେହିପରି ଡାଲା ଅଟୋରେ ଯାତାୟାତ କରୁଥିବା ଯାତ୍ରୀ ମାନଙ୍କୁ ଅଟକାଇ ସେମାନଙ୍କୁ ମଧ୍ୟ ପଚରାଉଚରା କରୁଛି। ସେହିପରି ନିଶାପାନ କରି ଯାନବାହନ ଚଳାଉଥିବା ଚାଳକଙ୍କ ଗାଡି ଜବତ କରି ସେମାନଙ୍କ ବିରୋଧରେ ମାମଲା କରାଯାଉଛି। ସହର ଉପକଣ୍ଠ ଦେଇ ଯାଇଥିବା ଜାତୀୟ ରାଜପଥରେ ପୋଲିସ ଯାନବାହନ ଅଟକାଇ ଯାଞ୍ଚ କରୁଛି। ଗାଡି ଚାଳକ ମାନଙ୍କୁ ନିଶାପାନ କରି ଗାଡି ନ'ଚଳାଇବାକୁ ସଚେତନ କରୁଛି। ଅପରାଧୀମାନେ ବିଶେଷ କରି ରାତ୍ର ସମୟରେ ବିଭିନ୍ନ ଗଳି ରାସ୍ତା ଦେଇ ଚଳପ୍ରଚଳ କରୁଛନ୍ତି । ସେମାନଙ୍କୁ ଧରିବା ପାଇଁ ମଧ୍ୟ ପୋଲିସ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ବ୍ରହ୍ମପୁର ଏସପି ଡ. ସର୍ବଣା ବିବେକ ଏମ. ଏନେଇ ସୂଚନା ଦେଇଛନ୍ତି।

# ସବୁ କାର୍ଯ୍ୟାଳୟରେ 'ବନ୍ଦେ ଉତ୍କଳ ଜନନୀ' ଗାନ

ବ୍ରହ୍ମପୁର,୩।୨(ସ୍ମୃତି ରଞ୍ଜନ ମହାଲିକ)

ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଅବସରରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ବିଦ୍ୟାଳୟରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଛି। ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏହାକୁ ସମୂହ ଗାନ କରାଯାଇଥିଲା। ଏଥିରେ ବ୍ରହ୍ମପୁର ଉପଜିଲାପାଳ ଦିନା ଗସ୍ତାଗର ଓ ଅତିରିକ୍ତ ଉପଜିଲାପାଳ ଡ ଗୌରବମୟ ପ୍ରଧାନଙ୍କ ସମେତ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିପରି ବ୍ରହ୍ମପୁର ମହାନଗର ନିଗମ (ବିଏମସି)ଠାରେ ମଧ୍ୟ ବନ୍ଦେ ଉତ୍କଳ



ବିଏମସି କାର୍ଯ୍ୟାଳୟ ପରିସରରେ ଉପସ୍ଥିତ ବିଧାୟକ, ମେୟର ଓ ଅନ୍ୟମାନେ ।

ଜନନୀ ସମୂହ ଗାନ କରାଯାଇଥିଲା। ଏଥିରେ ବିଏମସି ମେୟର ସଂଘମିତ୍ରା ଦଳେଇ, ବିଧାୟକ ବିକ୍ରମ କୁମାର ପଣ୍ଡା ଓ ବହୁ କର୍ପୋରେଟର ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର ସରିଲା

ବ୍ରହ୍ମପୁର,୩।୨(ତନୁଶ୍ରୀ ନାହାକ)

ଗୋପାଳପୁର ମହାବିଦ୍ୟାଳୟ ଠାରେ ଚାଲିଥିବା ୩ ଦିନିଆ ଯୁବ ରେଡ଼କ୍ରସ ପ୍ରଶିକ୍ଷଣ ଶିବିର ଶନିବାର ସରିଛି। ଏଥିରେ ଜିଲାର ୨୬ରୁ ଉର୍ଦ୍ଧ୍ୱ କଲେଜର ସ୍ୱେଚ୍ଛାସେବୀ ଯୋଗଦେଇ ତାଲିମ ନେଇଥିଲେ। ସେମାନଙ୍କୁ ସମାଜର କଲ୍ୟାଣ ନିମନ୍ତେ ଯୁବ ଶକ୍ତିର ବିନିଯୋଗ, ରକ୍ତଦାନ, ମାରାତ୍ମକ ରୋଗ ସଚେତନତା, ସ୍ୱଚ୍ଛତା ସମ୍ପର୍କରେ ତାଲିମ ଦିଆଯାଇଥିଲା। କଲେଜ ଅଧ୍ୟକ୍ଷ ଡ଼.ରାମପ୍ରସାଦ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ରଙ୍ଗେଇଲୁଣ୍ଡା ବିଡିଓ ମୁଖ୍ୟ ଅତିଥି ରହି ସମସ୍ତଙ୍କୁ ଉତ୍ତମ ମଣିଷ ଭାବେ ନିଜକୁ ଗଢ଼ିବାକୁ ଆହ୍ୱାନ ଦେଇଥିଲେ। ଏ.ଜାନକୀ ରାମ, ସିଏଚ ଦିଲେଶ୍ୱର ରେଡ୍ଡୀ, ସରୋଜ ରଥ, କ୍ରୀଷ୍ଣା ନନ୍ଦ, ଜିଲା ଯୁବ ରେଡ଼କ୍ରସ ସଂଯୋଜକ ଦିଲ୍ଲୀପ କୁମାର ଆଚାର୍ଯ୍ୟ, ରାଜ୍ୟ ସଂଯୋଜକ ଡ଼.ମନୋରଂଜନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। କଲେଜ ଅଧ୍ୟକ୍ଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୩ ଦିନ ବ୍ୟାପୀ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ସଂଗୀତ, ନୃତ୍ୟ, ପ୍ରବନ୍ଧ ଓ ଅନ୍ୟାନ୍ୟ ପ୍ରତିଯୋଗିତା ହୋଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍ୱେଚ୍ଛାସେବୀମାନେ ଆଗାମୀ ୬ରୁ ୮ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ।

# ଆଇଟିଆଇରେ ଅନ୍ତର୍ଜାତୀୟ ନିଯୁକ୍ତିମେଳା



ନିଯୁକ୍ତି ମେଳାରେ ଭାଗ ନେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ବ୍ରହ୍ମପୁର,୩।୨(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ)ଠାରେ ଶନିବାର ଅନ୍ତର୍ଜାତୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁଏଇରୁ ୩ ଜଣ ଟିମ ନିଯୁକ୍ତି ମେଳାରେ ଯୋଗ ଦେଇଥିଲେ। ଆଇଟିଆଇର ଇଲେକ୍ଟ୍ରିସିଆନ, ଇଲେକଟ୍ରୋନିକ୍ସ, ଇନଷ୍ଟ୍ରୁମେଣ୍ଟ ମେକାନିକ, ମେକାନିକ ମେକାଟ୍ରୋନିକ୍ସ, ପେଇଣ୍ଟର ଓ ପ୍ଲମ୍ବର ଆଦି ବିଭାଗର ପ୍ରାୟ ୧୦୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିସହ ଆଇଟିଆଇ ପାସ କରିଥିବା ୫୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିମଧ୍ୟରୁ ପ୍ରାୟ ୪୦ ଜଣ ଛାତ୍ରୀଛାତ୍ର ନିଯୁକ୍ତି ପାଇଥିବା ଆଇଟିଆଇ ପକ୍ଷରୁ କୁହାଯାଇଛି। ଆଇଟିଆଇ ଛାତ୍ରୀଛାତ୍ରଙ୍କ ଦକ୍ଷତା କାରଣରୁ ଏଭଳି ଅନ୍ତର୍ଜାତୀୟ କଂପାନୀରେ ଛାତ୍ରୀଛାତ୍ର ନିଯୁକ୍ତିର ସୁଯୋଗ ପାଇଥିବା ନେଇ ଆଇଟିଆଇ ଅଧ୍ୟକ୍ଷ ଡ ରଜତ କୁମାର ପାଣିଗ୍ରାହୀ କହିଛନ୍ତି।

# ୩ ସ୍ଥାନରୁ ୩୦ ଲକ୍ଷ ଟଙ୍କାର ଗହଣା ଲୁଟ

ବ୍ରହ୍ମପୁର, ୩।୨(ସୁବାସ ଚନ୍ଦ୍ର ପାଢ଼ୀ)

ସହରରେ ପୁଣିଥରେ ଲୁଟିଆ ଗ୍ୟାଙ୍ଗ ସକ୍ରିୟ ହୋଇଛନ୍ତି। ସପ୍ତାହକ ମଧ୍ୟରେ ପୃଥକ ୩ଟି ସ୍ଥାନରେ ସେମାନେ କଳାକାନା ବୁଲାଇଛନ୍ତି। ଉକ୍ତ ଗ୍ୟାଙ୍ଗ ୩ ଘରୁ ୩୦ ଲକ୍ଷ ଟଙ୍କାର ଗହଣା ଲୁଟି ନେଇଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ହେଲେ ଲୁଟିଆ ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇପାରିନାହିଁ।

ଦୁର୍ବୃତ୍ତ ଟାଉନ ଥାନା ବିଜିପୁର ଟ୍ୟାଙ୍କରୋଡରେ ରହୁଥିବା ରବୀନ୍ଦ୍ର କୁମାର ଜେନାଙ୍କ ଘରେ ପଶି ଆଲମିରା ଭାଙ୍ଗି ୨୨ ଭରି ସୁନାଗହଣା ଲୁଟ କରିଛନ୍ତି। ଅଭିଯୋଗ ପ୍ରକାରେ ପୋଲିସ ନଂ.୪୧/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସେହିପରି ଛତ୍ରପୁରସ୍ଥିତ ଉପଖଣ୍ଡ ସ୍ଥରୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡା . ଜ୍ୟୋସ୍ନାରାଣୀ ସେଠୀ ମେଡିକାଲ ଅଫିସର ଭାବେ କାମ କରନ୍ତି। ଗତ ମାସ ୩୦ ତାରିଖରେ ଡିଉଟି ଥିବାରୁ ରାତିରେ ସେ ମେଡିକାଲରେ ରହିଯାଇଥିଲେ। ପରଦିନ ବ୍ରହ୍ମପୁର ବାପୁଜୀନଗର (ବ୍ୟାଙ୍କ କଲୋନୀ)ଘରକୁ ଫେରବାରେ ଗ୍ରୀଲ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଘର ଭିତରକୁ ଯିବା ବେଳେ ଆଲମିରା ଭାଙ୍ଗିଥିବା ଓ ସେଥିରେ ୨୦ ଭରି ସୁନା ଅଳଙ୍କାର ଓ ୪ ଭରି ରୂପା ଅଳଙ୍କାର ନ ଥିବା ଦେଖିଥିଲେ। ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗକ୍ରମେ ନଂ.୬୫/୨୪ରେ ମାମଲା ରୁଜୁ ହୋଇଛି। ସେହିପରି ନିମଖଣ୍ଡି ଥାନା ଭାବିନୀପୁର ଗ୍ରାମ ଜେନାବନ୍ଧର ମରାମତି କାମ ପାଇଁ ନୟାଗଡ ଜିଲା ଓଡ଼ଗାଁ ଥାନା ବାଙ୍କଟାରା ଗ୍ରାମର ସୁରେଶ ବାରିକ ଓ ତାଙ୍କର ୯ ସହଯୋଗୀ ଆସିଥିଲେ। ସେମାନେ ପୋଖରୀ ନିକଟରେ ଏକ ତମ୍ବୁ ପକାଇ ରହୁଥିଲେ। ଗତ ୩୧ ତାରିଖ ରାତିରେ ସୁରେଶଙ୍କ ୩ଟି ମୋବାଇଲ ଫୋନ, ୮ହଜାର ଟଙ୍କା ଓ ରୁପା ବ୍ରେସଲେଟ ଗାଏବ ହୋଇଯାଇଥିଲା। ସେଏନେଇ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ନଂ.୨୭/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା କହିଛି।

# ଅବହେଳା କରୁଛି ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର,୩।୨(ସ୍ମୃତି ରଞ୍ଜନ ମହାଲିକ)

ସରକାରୀ ଓ ବେସରକାରୀ ସମସ୍ତ ବର୍ଗ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା, ସରକାରୀ ସୁବିଧା ସୁଯୋଗ ଓ ସମାନତା ଦିଗରେ ପ୍ରାଧାନ୍ୟ ଦେବାକୁ ରାଜ୍ୟ ସରକାର ସ୍ୱତନ୍ତ୍ର ବିଧି ବ୍ୟବସ୍ଥା କରିଛନ୍ତି। କିନ୍ତୁ ଟିପିଏସଓଡିଏଲରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ କ୍ଷେତ୍ରରେ ବୈମାତୃକ ମନୋଭାବ ପୋଷଣ କରାଯାଉଥିବା ସାଉଥକୋ ୟୁଟିଲିଟି ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଗଠନ ଶନିବାର ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛି।

ଅଭିଯୋଗର ସମାଧାନ ଓ ସଚେତନ ନିମନ୍ତେ ସ୍ୱତନ୍ତ୍ର ସେଲ ଗଠନ ପାଇଁ ସଂଘ ଦାବି କରିଛି। ଦାବି ଗୁଡିକ ପୂରଣ ନ ହେଲେ ଅନୁସୂଚିତ ଜାତି ଓ ଜନଜାତିର ଜାତୀୟ କମିଶନରଙ୍କ ଦ୍ୱାରସ୍ଥ ହେବେ ବୋଲି ସଂଘ ଚେତାବନୀ ଦେଇଛି। ସମ୍ମିଳନୀରେ ସଂଘର ସାଧାରଣ ସଂପାଦକ କ୍ଷୀରୋଦ କୁମାର ସେଠୀ ଓ ଉପସଭାପତି ପ୍ରଦେଶ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୧୩ ଏସ୍‌ଏଚ୍‌ଜିକୁ ୭୩ ଲକ୍ଷ ଟଙ୍କା ଋଣ



ଅତିଥିଙ୍କ ଗହଣରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ।

ଗୋପାଳପୁର,୩।୨(ନବୀନ ରାଜ ଆଚାରୀ)

ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଜରିଆରେ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୋପାଳପୁର ନିର୍ବାଚନ ମଣ୍ଡଳୀର ରଙ୍ଗିପୁର ପଞ୍ଚାୟତରେ ଶନିବାର ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ୧୩ ଏସଏଚଜିକୁ ୭୩ ଲକ୍ଷ ଟଙ୍କା ବିନା ସୁଧରେ ଋଣ ପ୍ରଦାନ କରାଯାଇଛି। ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏମ୍‌ପି ପ୍ରତିନିଧି ଅଜିତ କୁମାର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟ ଅତିଥି ଭାବେ ଗଞ୍ଜାମ ଜିଲା ପରିଷଦ ଉପସଭାନେତ୍ରୀ ଏସ ରାଜେଶ୍ୱରୀ ଦୋରା, ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷା ସିଏଚ ଉଷା ରାଣୀ, ସିଡ଼ିପିଓ ଜ୍ୟୋସ୍ନା ପାଢ଼ୀ, ବ୍ଲକ ଉପାଧ୍ୟକ୍ଷ ଅନିତା ମାହାଙ୍କୁଡ, ଜିଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ତଅପୋଇ ଦାସ, ସରପଞ୍ଚ ପ୍ରେମ ରଞ୍ଜନ ପଟ୍ଟନାୟକ, ସମିତି ସଭ୍ୟ କବିତା ରାଣୀ ଦାସ, ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶିକା ବିଷ୍ଣୁପ୍ରିୟା ନାୟକ ଯୋଗଦେଇଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅଧିକାରୀମାନେ ସଚେତନ କରିଥିଲେ। ଶିଶୁ ଓ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ୱାସ୍ଥ୍ୟ କର୍ମୀ,ଅଙ୍ଗନବାଡି କର୍ମୀ, ଏସଏଚଜିର ଏମବିକେ, ପ୍ରାଣୀମିତ୍ର, ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁପରଭାଇଜର ରଚନା ପ୍ରଧାନ, ସରପଞ୍ଚ ଅସନ୍ତୁଲୁ ରେଡି, ଦଣ୍ଡପାଣି ବେହେରା, ପ୍ରକାଶ ଚନ୍ଦ୍ର ସେଠି, ବାଇରୀ ପାତ୍ର, ବିଭୁତି ଭୂଷଣ ଲେଙ୍କା, ବିପିଏମ ଅଜୟ ଦାସ, ବିନୋଦ ମାହାଙ୍କୁଡ଼, ନିର ବେହେରା, ବାନି ଲେଙ୍କା, ସନ୍ତୋଷ କୁମାର ବେହେରା, ଜୟ ସାହୁ, ସୁନିତା ପଣ୍ଡା, ନରେଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା ଏଆଇଟିୟୁସି ବୈଠକରେ ନିଷ୍ପତ୍ତି

## ୧୬ରେ ଧର୍ମଘଟ ଡାକରା

ବ୍ରହ୍ମପୁର,୩।୨(ନରସିଂହ ସାହୁ)

ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସ(ଏଆଇଟିୟୁସି) ଗଞ୍ଜାମ ଜିଲା ପରିଷଦ ବୈଠକ ବ୍ରହ୍ମପୁରରେ ଏହାର ସଭାପତି ପ୍ରଶାନ୍ତ ପାଟ୍ଟଯୋଷୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତୃତ୍ୱ କେନ୍ଦ୍ର ଏନଡିଏ ଶାସନରେ ଶ୍ରମିକ ଓ କୃଷକଙ୍କୁ ଶୋଷଣ କରାଯାଉଥିବା ସମାଲୋଚନା କରାଯାଇଛି। ଏହାର ପ୍ରତିବାଦରେ ଉଭୟ ସଂଗଠନ ଏକଜୁଟ ହୋଇ ଲଢ଼େଇ କରିବାକୁ ଆହ୍ୱାନ ଦିଆଯାଇଛି। ଆଗାମୀ ସାଧାରଣ ନିର୍ବାଚନରେ କୃଷକ ଓ ଶ୍ରମିକ ବିରୋଧୀ ମୋଦୀ ସରକାରଙ୍କୁ ବିତାଡ଼ିତ କରିବାକୁ ଗୁରୁତ୍ୱ ଦିଆଯାଇଛି। ବରିଷ୍ଠ ସିପିଆଇ ନେତା ପ୍ରକାଶ ପାତ୍ର ବୈଠକରେ ଯୋଗ ଦେଇଥିଲେ। କେନ୍ଦ୍ରୀୟ ଟ୍ରେଡ ୟୁନିୟନ ମିଳିତ ମଞ୍ଚ, ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ଫେଡେରେଶନ ସମୂହ ଆସନ୍ତା ୧୬ ତାରିଖରେ ଧର୍ମଘଟ ଡ଼ାକରା ଦେଇଛି। ଏହି ଧର୍ମଘଟ ଓ ହରତାଳକୁ ଗଞ୍ଜାମ ଜିଲାରେ ସଫଳ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଜିଲାର ସବୁ ବ୍ଲକରେ ବ୍ୟାପକ ପ୍ରଚାର ମଧ୍ୟରେ ଜନ ସଚେତନତା ସୃଷ୍ଟି କରାଯିବ ବୋଲି ପାତ୍ର କହିଥିଲେ। ପ୍ରାରମ୍ଭରେ ଏଆଇଟିୟୁସି ସମ୍ପାଦକ ଅଳକ ନାଥ ମିଶ୍ର ସମସ୍ତ ସଦସ୍ୟା ଓ ସଦସ୍ୟ ଧର୍ମଘଟର ସଫଳତା ନିମନ୍ତେ ନିରନ୍ତର ପ୍ରୟାସ କରିବାକୁ ଗୁରୁତ୍ୱ ଦେଇଥିଲେ। କାମଦେବ ନାହାକ, ଯୁଗଳ କିଶୋର ଦାସ, ହିମାଞ୍ଚଳ ବାରିକ, ବି. ଦଣ୍ଡପାଣି ପାତ୍ର, ମାଗୁଣି ବିଶୋୟୀ, ମମତା ଖୁଣ୍ଟିଆ, ନମିତା ନାହାକ, ରାଜେନ୍ଦ୍ର ଦାସ, ବିଜୟ ସାମନ୍ତରା, ହରିହର ପାତ୍ର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ଜୟବର୍ଦ୍ଧନେ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ

ବ୍ରହ୍ମପୁର,୩।୨(ତନୁଶ୍ରୀ ନାହାକ)

ଇଞ୍ଜିନିୟରିଂ ସ୍କୁଲ ବ୍ୟାଡମିଣ୍ଟନ ଇନଡୋର ହଲଠାରେ ଶୁକ୍ରବାର ବନ୍ଧୁତ୍ୱପୂର୍ଣ୍ଣ ଷଷ୍ଠ ଜୟବର୍ଦ୍ଧନେ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏସପି ଡ଼.ସର୍ବଣା ବିବେକ ଏମ ଯୋଗଦେଇ ଟୁର୍ନାମେଣ୍ଟ ଉଦଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ସମାଜିକ କର୍ମୀ ଉମାକାନ୍ତ ମିଶ୍ର, କର୍ପୋରେଟର ମଳୟ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ଗୋପାଳ ରେଡ୍ଡୀ କ୍ରୀଡ଼ା ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ଗଣମାଧ୍ୟମ ପ୍ରତିନିଧି, କର୍ପୋରେଟର, ପୋଲିସ ଓ ମହାନଗର ନିଗମ କର୍ମକର୍ତ୍ତାଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଏମସି ମହିଳା ଯୋଡ଼ିକୁ ହରାଇ ଗଣମାଧ୍ୟମ ମହିଳା ଯୋଡ଼ି ବିଜୟୀ ହୋଇଥିଲା। ମହିଳା ଯୋଡ଼ିରେ ସୋନାଲି ପ୍ରଧାନ, ବନିତା ବେହେରା ଗଣମାଧ୍ୟମ ପକ୍ଷରୁ ଖେଳିଥିବା ବେଳେ ଅନ୍ୟପଟେ କର୍ପୋରେଟର ସୋନାଲି ଗନ୍ତାୟତ ଓ ଜୟଶ୍ରୀ ପାଣିଗ୍ରାହୀ ଖେଳୁଥିଲେ। ସେହିପରି ପୁରୁଷ ଯୋଡ଼ିରେ ପୋଲିସ ଟାଇଗର ଓ ପୋଲିସ ୱାରିୟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୋଲିସ ୱାରିୟର ବିଜୟୀ ହୋଇଛି। ପୁରୁଷ ଏକକରେ ଫାଇନାଲ ମ୍ୟାଚ ମନୋଜ ମହାରଣା ଓ ଟୁନା ମହାରଣାଙ୍କ ମଧ୍ୟରେ ହୋଇଥିଲା। ଏଥିରେ ମନୋଜ ମହାରଣା ବିଜୟୀ ହୋଇଥିବା ବେଳେ ଟୁନା ମହାରଣା ରନର୍ସ ଅପ ହୋଇଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳାଇ, ଡେ଼ପୁଟି ମେୟର ଇ.ବିବେକ ରେଡ୍ଡୀ ପ୍ରମୁଖ ଯୋଗଦେଇ ବିଜୟୀ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ।

# ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ବ୍ରହ୍ମପୁର,୩।୨(ସ୍ମୃତି ରଞ୍ଜନ ମହାଲିକ)

ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଶନିବାର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଅର୍ଥ ସଚିବ ଓ ଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ ପ୍ରଦାନ, ୧୯୯୪ ଜୁନ ୭ ତାରିଖରୁ ଅଦ୍ୟାବିଧି ଅନୁଦାନ ପ୍ରାପ୍ତ ୩୨୧୬ ବିଦ୍ୟାଳୟକୁ ସରକାରୀକରଣ, ୨୦୨୨ ଜାନୁଆରୀ ୧ ତାରିଖରୁ ବାଦ ପଡିଥିବା ୨୨୬ ବିଦ୍ୟାଳୟ ଓ ୨୦୨୩ ଅକ୍ଟୋବର ୨ ତାରିଖରେ ଯୋଗ୍ୟ ୩୦୯ ବିଦ୍ୟାଳୟକୁ ସପ୍ତମ ବେତନ ପ୍ରଦାନ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତି ଭିତ୍ତିକ ଶିକ୍ଷକଙ୍କର ୬ଟି ନ୍ୟାସନାଲ ଇନକ୍ରିମେଣ୍ଟ ସହ ଗ୍ରେଡ ପେ ହାରରେ ଦରମା ପ୍ରଦାନ ପାଇଁ ଦାବି ହୋଇଛି। ଆସନ୍ତା ୭ ତାରିଖରେ ଭୁବନେଶ୍ୱରରେ ରାଜ୍ୟର ୩୦ ଜିଲାର ହଜାର ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ଯୋଗ ଦେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦାବି ପୂରଣ ନ ହେବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ, ପୂର୍ବତନ ସଭାପତି ହିମାଂଶୁ ଶେଖର ପଟ୍ଟନାୟକ ଓ ସହ ସଂପାଦକ ବିଜୟ କୁମାର ବେହେରାଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।



ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସଂକ୍ଷେପରେ

### ଦିନବନ୍ଧୁ ବେହେରା ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଭଞ୍ଜନଗର,୩।୨(ବାବୁଲା ପ୍ରଧାନ)

ଭଞ୍ଜନଗର ସହରରେ ଥିବା ଦିନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରାଜ କହଁର ଏଥିରେ ଅଧ୍ୟକ୍ଷତା କରିଥିଲେ। ଭଞ୍ଜନଗର ବ୍ଲକ ଗୋଷ୍ଠି ଶିକ୍ଷାଧିକାରୀ ଏସ୍ ଧନଞ୍ଜୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନାତନ ନାୟକ, ନଳିନୀ ପ୍ରଭା ପଟ୍ଟନାୟକ, ସନ୍ତୋଷ ଜେନା ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୨୧୬ଜଣ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ସୁନିଲ ଶତପଥି ସଭାକୁ ସଂଯୋଜନା କରିଥିଲେ।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଶେରଗଡ,୩।୨(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ବ୍ଲକର ଶିକ୍ଷକ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ଦାଶ ଜାନୁଆରୀ ୩୧ରେ ଅବସର ଗ୍ରହଣ କରିଛନ୍ତି। ସେ ଜଣେ ପୁରୁଣା ପେନସନ ଯୁକ୍ତ ଶିକ୍ଷକ ଅଟନ୍ତି। ଶନିବାର ବିଇଓ ଉପେନ୍ଦ୍ର କୁମାର ପାଢୀ, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଇନ୍ଦ୍ରମଣି ସ୍ୱାଇଁ, ଏବିଇଓ ଶୈରନ୍ଧ୍ରୀ ଦଳେଇ, ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଫୁଲ କୁମାର ପଣ୍ଡା, ମିହିର କୁମାର ଜେନା, ସୁରେନ୍ଦ୍ର ଗୌଡ଼, ଦେବବ୍ରତ ପଟ୍ଟନାୟକ, ବିଇଓ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଶଙ୍କର ରାଓ ଉପସ୍ଥିତରେ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି।

### ହାତୀପଲ ଫସଲ ନଷ୍ଟ କରିଥିବା ଅଭିଯୋଗ

ଶେରଗଡ,୩।୨(ସୂର୍ଯ୍ୟନାରାୟଣ ଦାଶ)– ଶେରଗଡ କରଡାକଣାରୁ ଷଢଙ୍ଗୀପଲ୍ଲୀ ନିକଟ ପାହାଡ ଦେଇ ଏକ ହାତୀପଲ ଯାତାୟାତ କରୁଛନ୍ତି। ଉକ୍ତ ହାତୀପଲରେ ୧୨ଟି ହାତୀ ରହିଛନ୍ତି। ସେହି ହାତୀପଲ କରଡାକଣା, ପି କରଡାକଣା, ରକ୍ତପଟା, ମଥୁରା, ଷଢଙ୍ଗୀପଲ୍ଲୀ ଗ୍ରାମ ଦେଇ ଯିବା ଆସିବା କରୁଥିବାରୁ ଏକ ପ୍ରକାର ଭୟର ବାତାବରଣ ଦେଖାଦେଇଛି। ଉକ୍ତ ଗ୍ରାମ ଗୁଡିକ ଦେଇ ଯାଉଥିବା ରାସ୍ତାରେ କିଛି ପରିବା ଫସଲ, ଧାନ କଳେଇ ନଷ୍ଟ କରି ଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ଷଢଙ୍ଗୀପଲ୍ଲୀ, କରଡାକଣାଠାରେ ବନ କର୍ମଚାରୀମାନେ ରାତ୍ରି ପାଟ୍ରୋଲିଂ ଜାରି ରଖିଥିବା ଷଢଙ୍ଗୀପଲ୍ଲୀ ଫରେଷ୍ଟର ଶାନ୍ତନୁ ନାୟକ କହିଛନ୍ତି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ସୋରଡା,୩।୨( ଲମ୍ବୋଦର ପାଣିଗ୍ରାହୀ)– ସୋରଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ରଥଙ୍କ ତତ୍ତ୍ୱାବଧାନ ତଥା ସଭାପତି ରୋହିତ କୁମାର ବିଶୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଅତିଥି, ଏନଏସି ଅଧ୍ୟକ୍ଷ ଶିବଶଙ୍କର ପଣ୍ଡା, ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରିୟଦର୍ଶିନୀ ନାୟକ ସମ୍ମାନିତ ଅତିଥି ଭାବେ ମୁଖ୍ୟବକ୍ତା ଭାବେ ଆରଏସଏସ ପ୍ରାନ୍ତ ସେବା ପ୍ରମୁଖ ଶାନ୍ତନୁ କୁମାର ମାଝି, ସମ୍ପାଦକ ମହେଶ୍ୱର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ଛତ୍ରପୁର,୩।୨
(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ):

ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ଓ ସୁରକ୍ଷା ପାଇଁ ଭୁବନେଶ୍ୱରରେ ଶନିବାରଠାରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇ 'ବନ୍ଦେ ଉତ୍କଳ ଜନନୀ' ଗାନ ସହ କଳା, ସାହିତ୍ୟ, ଗାଳ୍ପିକ, ଐତିହାସିକ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଛି। ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ, ପ୍ରିୟ ରଞ୍ଜନ ପୃଷ୍ଟି ଓ ଦେବବ୍ରତ ସାହୁ,ଡେପୁଟି କଲେକ୍ଟର ଦୟାସିନ୍ଧୁ ପରିଡା, ରାଜେଶ କୁମାର ଏକା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଜିଲା ସଂସ୍କୃତି ଅଧିକାରୀ ରାଧାକୃଷ୍ଣ ରାମଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଛତ୍ରପୁର ଏନ୍ଏସି ଓ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ବହୁ କବି ଓ ଲେଖକଙ୍କୁ ସମ୍ମାନିତ କରାଯାଇଛି। ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ।



ରାଇକିଆରେ ଆୟୋଜିତ ଓଡ଼ିଆ ଭାଷା ସମ୍ମିଳନୀରେ ସମ୍ବର୍ଦ୍ଧିତ କରାଯାଉଛି।

**ପାରଳାଖେମୁଣ୍ଡି(ଗିରିଧାରୀ ପରିଚ୍ଛା):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ବିଜୁ କଲ୍ୟାଣ ମଣ୍ଡପଠାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସକାଳେ ସହରରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଜିଲା ପ୍ରଶାସନ ତରଫରୁ ମାଲ୍ୟାର୍ପଣ କରଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଜିଲା ବନଖଣ୍ଡ ଅଧିକାରୀ ଏସ.ଆନନ୍ଦ, ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କୁମାର ଦାସ ଓ ରାଜେନ୍ଦ୍ର ମିଞ୍ଜି ପ୍ରମୁଖ ଉପସ୍ଥିତ ଥିଲେ।

**ରାଇକିଆ,(ପ୍ରଦୀପ ବେହେରା)–** ରାଇକିଆ ବ୍ଲକ ପରିସରରେ ଆୟୋଜିତ ବ୍ଲକସ୍ତରୀୟ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଇକିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୀମାଞ୍ଚଳ ମଣ୍ଡଳ ଯୋଗଦେଇ ଶୁଭାରମ୍ଭ କରିଥିଲେ । ଏବିଡିଓ ଦିବ୍ୟସିଂ କହଁର , ଜିପିଓ କୈଳାଶ ଚନ୍ଦ୍ର ପାଢ଼ି, ଜୟଦେବ ପ୍ରଧାନ, ଜୀବନ ଜ୍ୟୋତି ମହାବିଦ୍ୟାଳୟ ଅଧ୍ୟାପିକା ଲିଜାଲିନ ଭୋଇ, ସସ୍ମିତା ଲୋହାର, ସୁଧାକିରଣ ଅଧ୍ୟାପକ ଶ୍ୟାମସୁନ୍ଦର ଡାଙ୍ଗୁଆ, ସାହାରା ସଂପାଦକ ତଥା ରାଇକିଆ ବ୍ଲକ କଳା ସାଂସ୍କୃତିକ ଉପସଭାପତି ସୁକାନ୍ତ ନାୟକ ଉପସ୍ଥିତ ଥିଲେ। ସେହିପରି ଜି.ଉଦୟଗିରି ବ୍ଲକ ପ୍ରେକ୍ଷାଳୟରେ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ସୁଦ୍ରା ଜଙ୍ଗଲରେ ଯବାନ-ମାଓବାଦୀ ଗୁଳି ବିନିମୟ

### ଡିଭିଏଫ ଯବାନ ଆହତ, ଜଣେ ମାଓବାଦୀ ଗୁରୁତର ଅନୁମାନ

ଫୁଲବାଣୀ,୩।୨(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ସୁଦ୍ରା ଅଞ୍ଚଳରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ଡିଭିଏଫ୍ ଯବାନ ଆହତ ହୋଇଛନ୍ତି। ସେହିପରି ଜଣେ ମାଓବାଦୀ ଗୁରତର ଆହତ ହୋଇଥିବା ଅନୁମାନ କରାଯାଉଛି। ତେବେ ଏ ନେଇ ନିର୍ଦ୍ଦିଷ୍ଟ ଭାବେ କିଛି ସୂଚନା ମିଳି ନ ଥିବା କନ୍ଧମାଳ ଏସ୍ପି ଶୁଭେନ୍ଦୁ କୁମାର ପାତ୍ର କହିଛନ୍ତି। ଏସ୍ପିଙ୍କ ସୂଚନା ଅନୁସାରେ, ଶନିବାର ବାଲିଗୁଡ଼ା ଥାନା ଅନ୍ତର୍ଗତ ସୁଦ୍ରା ନିକଟବର୍ତ୍ତୀ କାମେରିକିଆ ଜଙ୍ଗଲରେ ପୋଲିସ ଓ ସୁରକ୍ଷା ବାହିନୀର ମିଳିତ କୋମ୍ବିଂ ଅପରେଶନ ଚାଲିଥିଲା। ସନ୍ଧ୍ୟା ପ୍ରାୟ ୭ଟାରେ ମାଓବାଦୀମାନଙ୍କ ସହିତ ମୁହାଁମୁହିଁ ହୋଇଥିଲେ। ମାଓବାଦୀ ପୋଲିସ ଉପରକୁ ଗୁଳି ଚଳାଇବାରୁ ସୁରକ୍ଷା ବାହିନୀ ପକ୍ଷରୁ ପାଲଟା ଗୁଳି ଚାଳନା କରାଯାଇଥିଲା। ଏହି ଅପରେଶନ ସମୟରେ ଜଣେ ଡିଭିଏଫ ଯବାନ ଗୁରୁତର ହୋଇଛନ୍ତି। ତାଙ୍କୁ ବାଲିଗୁଡା ଡାକ୍ତରଖାନାରେ ଚିକିତ୍ସା କରାଯିବା ପରେ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷରେ ଏହି ଘଟଣାରେ ଜଣେ ମାଓବାଦୀ ଗୁରୁତର ହୋଇଥିବା ଅନୁମାନ କରାଯାଉଛି। ଖବର ଲେଖାଯିବା ପର୍ଯ୍ୟନ୍ତ କୋମ୍ବିଂ ଜାରି ରହିଥିବା ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ କିଛି ଦିନ ମଧ୍ୟରେ ଜିଲାର ବିଭିନ୍ନ ସ୍ଥାନରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଗୋଚ୍ଛାପଡା ଥାନା ଅଞ୍ଚଳରେ ଦୁଇଥର ପୋଲିସ-ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ସେହିଭଳି ତୁମୁଡ଼ିବନ୍ଧର ସିର୍ଲା ଜଙ୍ଗଲରେ ଗୁଳି ବିନିମୟ ବେଳେ ଜଣେ ଯବାନ ଗୁରୁତର ହୋଇଥିଲେ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

## ଭଞ୍ଜନଗର ବ୍ଲକସ୍ତରରେ ୩୪ଜଣଙ୍କୁ ସମ୍ବର୍ଦ୍ଧନା



ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ହେଉଛି।

ଭଞ୍ଜନଗର,୩।୨(ବାବୁଲା ପ୍ରଧାନ)

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଭଞ୍ଜନଗର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ୩୪ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବ୍ଲକ ଅଧ୍ୟକ୍ଷ ନରୀ ସଭା ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏବିଡିଓ ପୂର୍ଣ୍ଣ ଚନ୍ଦ୍ର ପାଢୀ ସଭାରେ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଉପାଧ୍ୟକ୍ଷ ରାଜଲକ୍ଷ୍ମୀ ପ୍ରଧାନ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶୁଳପାଣି ଶତପଥୀ ସଭା ସଂଯୋଜନା କରିଥିଲେ। ସେହିଭଳି ଭଞ୍ଜନଗର ଏନ୍ଏସି, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଆଦିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ପ୍ରଧାପିକା ଆରତିବାଳା ପ୍ରଧାନ, ରାଜଲକ୍ଷ୍ମୀ ରଥ, ପ୍ରଧାପକ ବିଭାସ ଦାସ, ହର ପ୍ରସାଦ ଶତପଥୀ, ସନାତନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ତେବେ ଅଧିକାଂଶ ସ୍ଥାନରେ ଓଡିଆ ଭାଷା ଓ ସଂସ୍କୃତି ପ୍ରତି ବିଶେଷ ଅବଦାନ ନ ଥିବା ବ୍ୟକ୍ତି ସମ୍ବର୍ଦ୍ଧିତ ହୋଇଥିବାରୁ ଲେଖକଙ୍କ ମଧ୍ୟରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଦୀପକ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ମୁଣ୍ଡମରାଇ ଚାମ୍ପିୟନ

ହିଞ୍ଜିଳିକାଟୁ, ୩।୨(ଦ୍ୱିତୀକୃଷ୍ଣ ପଣ୍ଡା):

ହିଞ୍ଜିଳିକାଟୁ ପୌରାଞ୍ଚଳ ମିନି ଷ୍ଟାଡିୟମ ପରିସରରେ ଇଗଲ କ୍ରିକେଟ କ୍ଲବ, ହିଞ୍ଜିଳିକାଟୁ ପକ୍ଷରୁ ଆୟୋଜିତ ଦ୍ୱିତୀୟ ଦୀପକ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍ଯାପିତ ହୋଇଯାଇଛି। ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଗ୍ୟାଲେକ୍ସୀ ଏକାଦଶ କ୍ରିକେଟ କ୍ଲବ, ମୁଣ୍ଡମରାଇ ଦଳ ଚାମ୍ପିୟନ ହୋଇଛି । ଇଗଲ କ୍ରିକେଟ କ୍ଲବ ସଭାପତି ସଞ୍ଜୟ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ପୋଲେଇ, ସମ୍ମାନିତ ଅତିଥି ଭାବେ ଗ୍ରୀଟ ଅଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ, ପୌର ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଶିବରାମ ଗୌଡ, ଓଡ଼ିଶା ମୋ ପରିବାର ସମ୍ପାଦକ ନିଳମଣି ପଟ୍ଟନାୟକ, ଯୁବ ବିଜେଡି ସଭାପତି ମନୋଜ ସାବତ, ବିଜେଡି ନେତା ପ୍ରଦୀପ କୁମାର ପଣ୍ଡା, କିରଣ ପଟ୍ଟନାୟକ, ଶେଷଦେବ ସାହୁ ପ୍ରମୁଖ ମଞ୍ଚାସିନ ରହି ବିଜୟୀ ଓ ରନର୍ସ ଦଳକୁ ଟ୍ରଫି ସହ ନଗଦ ପୁରସ୍କାର ରାଶି ପ୍ରଦାନ କରିଥିଲେ।



ଟ୍ରଫି ସହ ଚାମ୍ପିୟନ ଦଳ ।

ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଶନିବାର ପ୍ରିନ୍ସ କ୍ରିକେଟ କ୍ଲବ, ବଡଗଡ ଓ ଗ୍ୟାଲେକ୍ସୀ ଏକାଦଶ କ୍ରିକେଟ କ୍ଲବ, ମୁଣ୍ଡମରାଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଣ୍ଡମରାଇ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୩୧୭ ରନ ସଂଗ୍ରହ କରିଥିଲା। ଜବାବରେ ବଡଗଡ ୨୦୦ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ । ଫଳରେ ମୁଣ୍ଡମରାଇ ଦଳ ବୃହତ ୧୧୭ ରନରେ ଚମ୍ପିୟାନ ଆଖ୍ୟା ଅର୍ଜନ କରିଛି । ବିଜୟୀ ଦଳର ସୋମନାଥ ପ୍ରଧାନ ମ୍ୟାଚ ଏବଂ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳୀ ଭାବେ ବିବେଚିତ କରାଯାଇଥିଲା । ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ମୁଣ୍ଡମରାଇ ଦଳର ସୋମନାଥ ପ୍ରଧାନ, ଶ୍ରେଷ୍ଠ ବୋଲର ଆସିକା ପାନାସୋନିକ ଦଳର ଆଦିତ୍ୟ ରେଡ୍ଡୀ, ଶ୍ରେଷ୍ଠ କ୍ୟାଚର ଓ ଏମାଜିଙ୍ଗ ଖେଳାଳୀ ଭାବେ ହିଞ୍ଜିଳିକାଟୁ ଇଗଲ ଦଳର ଶଶୀ ବେହେରା, ଶ୍ରେଷ୍ଠ ଉଇକେଟ କିପର ହିଞ୍ଜିଳିକାଟୁ ରୟାଲ କ୍ରିକେଟ କ୍ଲବର ରାଜା ସାମଲ, ପ୍ରିନ୍ସ କ୍ରିକେଟ କ୍ଲବ ବଡଗଡ ଦଳକୁ ଡିସିପ୍ଲେଇନ କ୍ରିକେଟ ଟିମ, ଶ୍ରେଷ୍ଠ ଆମ୍ପାୟର ଭାବେ ପ୍ରଶାନ୍ତ ପାଢି, ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ କାହ୍ନା ସାବତ ଓ ଆଦିତ୍ୟ ସେଠିଙ୍କୁ ପୁରସ୍କୃତ କରାଯାଇଥିଲା । ଆମ୍ପାୟର ଭାବେ ସତ୍ୟ ନାରାୟଣ ପାଣିଗ୍ରାହୀ ଓ ରଜତ ପ୍ରଧାନ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ ।

## ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ କର୍ମଶାଳା

ଦିଗପହଣ୍ଡି,୩।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଏନ୍ଏସି ସମ୍ମିଳନୀ କକ୍ଷରେ ଶନିବାର ୪ ନମ୍ବର ୱାର୍ଡସ୍ତରୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ତଥା ମୁକ୍ତା ଯୋଜନା ଉପରେ ସଚେତନତା ଉଦ୍ଦେଶ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଯୁଗ୍ମ ଶାସନ ସଚିବ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଗଦେଇ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏନ୍ଏସି ପ୍ରକଳ୍ପ ସଂଯୋଜକ ବି. ତୁଷାରକାନ୍ତ ଏବଂ ହିସାବରକ୍ଷକ ହିମାଂଶୁ ପାଢ଼ୀଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ଏନ୍ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ ଏବଂ ସିଏମ୍ଏମ୍ ଶଶିଭୂଷଣ ଦତ୍ତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନୀତା ବେହେରା ଏବଂ ବିଜୟଲକ୍ଷ୍ମୀ ପାଣିଗ୍ରାହୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କାର୍ଯ୍ୟକର୍ତ୍ତା ଏବଂ ସଭ୍ୟାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମୁକ୍ତା ଯୋଜନା ସମ୍ବନ୍ଧୀୟ ପ୍ରକଳ୍ପ ଚିହ୍ନଟକରଣ, ୱାର୍କ ଅର୍ଡର ପ୍ରଦାନ, ନଥିପତ୍ର ଓ ମଷ୍ଟରରୋଲ ପ୍ରସ୍ତୁତ, ବ୍ୟାଙ୍କ ଋଣ ପାଇଁ ମାନଦଣ୍ଡ, ଶ୍ରମିକଙ୍କୁ ମଜୁରି ପ୍ରଦାନ ଓ ସମସ୍ତ ରକ୍ଷଣାବେକ୍ଷଣ ଆଦି ବିଭିନ୍ନ ବିଷୟରେ ପୁଙ୍ଖାନୁପୁଙ୍ଖ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

## ଦିଗପହଣ୍ଡିରେ ଆଦର୍ଶ ଶ୍ମଶାନ ଲୋକାର୍ପିତ

ଦିଗପହଣ୍ଡି,୩।୨(ଅଶେଷ ନାଥ ମିଶ୍ର)– ଦିଗପହଣ୍ଡି ଏନ୍ଏସି ପକ୍ଷରୁ ପ୍ରାୟ ୮୦ ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ଆଦର୍ଶ ଶ୍ମଶାନକୁ ଶନିବାର ଏନ୍ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ଆନୁଷ୍ଠାନିକ ଭାବେ ଲୋକାର୍ପିତ କରିଛନ୍ତି। କାର୍ଯ୍ୟକ୍ରମରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ, କନିଷ୍ଠ ଯନ୍ତ୍ରୀ ଇଂ. ମମତା କୁମାରୀ ପଣ୍ଡା, ଏନ୍ଏସି ଉପାଧ୍ୟକ୍ଷା କେ.ପୂଜା, କାଉନ୍ସିଲର ନୀଳମାଧବ ଗୌଡ଼, ଦୀପକ କୁମାର ମିଶ୍ର, ସୁନୀଲ କୁମାର ପଣ୍ଡା, ସୁଶାନ୍ତ କୁମାର ପାତ୍ର, ମାମିନୀ ବେହେରା, କରିଶ୍ମା ନାୟକ, ଗୌରାଙ୍ଗ ଚରଣ ବେହେରା, ସନ୍ତୋଷିନୀ ବେହେରା, ଇ. ଗାୟତ୍ରୀ, ଜ୍ୟୋସ୍ନା ଜେନାଙ୍କ ସମେତ ବହୁସଂଖ୍ୟକ ଏନ୍ଏସି କର୍ମଚାରୀ ଉପସ୍ଥିତ ଥିଲେ।

## ଭାଷା ସାହିତ୍ୟ, ସୃଜନଶୀଳତାର ଉତ୍ସବ

ଦିଗପହଣ୍ଡି,୩।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଅଧୀନ ବମକୋଇ ପଞ୍ଚାୟତ ଅନ୍ତର୍ଗତ ଶ୍ରୀ ଗୋପାଳ ଦାଶ ନୋଡାଲ ବିଦ୍ୟାପୀଠ ମଣିପଡ଼ିଆରେ ଶନିବାର ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ, ସୃଜନଶୀଳତାର ଉତ୍ସବ ସହିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ, ବାର୍ଷିକ ଉତ୍ସବ ଏବଂ ସାହିତ୍ୟ ସୃଜନୀ ମୋ କଥା ମୋ କାହାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶ ସେଠୀ, ସମ୍ମାନିତ ଅତିଥି ଭାବେ ଏବିଇଓ ବିଶ୍ରବା ପାଇକ ଏବଂ ଏବିଇଓ ବାଳା ମାଝୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ଥିଲେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରିୟତୋଷ ପାଢ଼ୀ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଜୟ କୁମାର ପ୍ରଧାନ ଓ ବିକ୍ରମ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିଜେତା ପ୍ରଧାନ ଶିକ୍ଷକ ପ୍ରିୟତୋଷ ପାଢ଼ୀ, ଶିବରାମ ପ୍ରଧାନ ଏବଂ ଦିବାକର ପାଣିଗ୍ରାହୀଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡ଼ା କାର୍ଯ୍ୟକ୍ରମରେ କ୍ଲଷ୍ଟର ସିଆର୍‌ସିସି ନବୀନ ବାଡ଼ତ୍ୟା, ସିଆର୍‌ସିସି ସୁବ୍ରତ କୁମାର ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୀନବନ୍ଧୁ ସାହୁଙ୍କ ସମେତ ଅନେକ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକବୃନ୍ଦ ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ



ପୋଲସରାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

**ଛତ୍ରପୁର,୩।୨(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ)** ଭିକାରିପଲ୍ଲୀରେ ଆମ ଓଡିଶା ନବୀନ ଓଡିଶା ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଶନିବାର ସରପଞ୍ଚ ମମତା ସୁବୁଦ୍ଧିଙ୍କ ସଭାପତିତ୍ୱ ଏବଂ ପୂର୍ବତନ ସମିତି ସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ ଓ ମଥୁରା ଚରଣ ସୁବୁଦ୍ଧିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଦ୍ୱାରା ଲୋକେ କିଭଳି ସୁବିଧା ପାଇ ପାରୁଛନ୍ତି ସେ ବିଷୟରେ ଲୋକଙ୍କୁ କହିଥିଲେ।ଏହା ସହିତ ପଞ୍ଚାୟତରେ ହୋଇଥିବା ବିଭିନ୍ନ ବିକାଶ କାର୍ଯ୍ୟର ଏକ ପୁସ୍ତିକା ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ସଭ୍ୟ ମୁନା ଦାସ, ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ. ସାରଦା ରେଡ୍ଡୀ, ଛତ୍ରପୁର ବିଡ଼ିଓ ସୁଶାନ୍ତ କୁମାର ବରାଳ ପ୍ରମୁଖଙ୍କ ସମେତ ବହୁ ଜନ ପ୍ରତିନିଧି, ପଞ୍ଚାୟତର ଜନସାଧାରଣ ଏବଂ ମିଶନ ଶକ୍ତିର ମାମାନେ ଯୋଗ ଦେଇଥିଲେ।

**ଧରାକୋଟ,(ବିଷ୍ଣୁ କେଶରୀ ଆଚାର୍ଯ୍ୟ)** ଧରାକୋଟ ବ୍ଲକ ବାହାରପୁର ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ମୁଖ୍ୟ ଅତିଥି, ଧରାକୋଟ ବିଡିଓ ଡେନିସ ବେହେରା,ତହସିଲଦାର ଲମ୍ବୋଦର ମାରାଣ୍ଡି , ଏବିଡିଓ ଶୁଶିଲ କୁମାର ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ନାୟକ,ସମିତି ସଭ୍ୟ ସୁଜାତା ଜେନା,ପୂର୍ବତନ ସରପଞ୍ଚ ଦିଲୀପ ସ୍ୱାଇଁ, ନାଏବ ସରପଞ୍ଚ ସଚ୍ଚିଦାନନ୍ଦ ତ୍ରିପାଠୀ,କନିଷ୍ଠ ଯନ୍ତ୍ରୀ ପ୍ରଦୀପ ନାୟକ, ରାଜସ୍ୱ ନିରୀକ୍ଷକ ଯଜ୍ଞ ନାରାୟଣ ନାୟକ, ଜିଆରଏସ ସୁପ୍ରଭା ମଲିକ, ଜେ ଏସ ସମିତା ସାହୁ ପ୍ରମୁଖ ମଞ୍ଚାସିନ ରହିଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅମୂଲ୍ୟ ରାଉଳ ପରିଚାଳନା କରିଥିଲେ। ଏହି ଅବସରରେ ୧୦ଜଣଙ୍କୁ ପଟ୍ଟା , ୧୨ଜଣଙ୍କୁ ଭତ୍ତା, ୫୦ ଜଣଙ୍କୁ ମୋ ଗୁହାଳ କାର୍ଯ୍ୟାଦେଶ ଦିଆଯାଇଥିଲା।

**ପୋଲସରା(ସୁବ୍ରତ ବେହେରା);** ପୋଲସରା ଏନ୍ଏସି ରାମେଶ୍ୱର ମନ୍ଦିର ପରିସରରେ ଶନିବାର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଏନ୍ଏସି ପୂର୍ବତନ ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ, ନଗରପାଳ ସଙ୍ଗୀତା ବେହେରା, ଉପନଗରପାଳ ସନ୍ତୋଷ କୁମାର ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ରୁଷି ମାଝୀ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଉପରେ କହିଥିଲେ। କାର୍ଯ୍ୟକ୍ରମରେ ବାଲିଘାଇ, ସିଦ୍ଧିପୁରୁ, ଖଣ୍ଡିଆସାହି, ଦେଉଳପେଢ଼ିର ଅନେକ ମହିଳା ପୁରୁଷ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୯ ଜଣ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା।

## ଶ୍ରୀଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର

ବେଲଗୁଣ୍ଠା, ୩।୨(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

କ୍ଷତ୍ରିୟବରପୁରସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତାରେ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହେବା ସହିତ ଉକ୍ତ ପ୍ରତିଯୋଗିତାର ଉଦ୍ଯାପନୀ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ସୁନାମଧନ୍ୟ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରବଚକ ଅନ୍ନଦା ତ୍ରିପାଠୀ ମୁଖ୍ୟ ଅତିଥି ତଥା ଆଲୋଚକ ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ନୂଆ-ଓ ର ନୋଡାଲ ଅଧିକାରୀ ଦେବେଶ୍ ଚନ୍ଦ୍ର ମହାପାତ୍ର ସଂଯୋଜନା କାରିଥିଲେ। ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ନୋଡାଲ ଅଧିକାରୀ ତ୍ରିନାଥ ବେହେରା ସ୍ୱାଗତ ଭାଷଣ ପ୍ରଦାନ ସହ ଅତିଥିମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟ ସମ୍ପାଦନ କରିଥିଲେ। ଆଲୋଚକ ଅନ୍ନଦା ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଶିକ୍ଷକ ଶିଶିର କୁମାର ସ୍ୱାଇଁଙ୍କୁ ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଉକ୍ତ ପ୍ରତିଯୋଗିତାର ବିଜେତାମାନଙ୍କୁ ପ୍ରଶଂସାପତ୍ର, ପୁରସ୍କାର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା।

## ବ୍ଲକ ସ୍ତରୀୟ ମିଶନ ଶକ୍ତି କବି ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ପୁରସ୍କୃତ କବୟିତ୍ରୀ।

ଜି.ଉଦୟଗିର.୩।୨(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ବ୍ଲକ ପ୍ରେକ୍ଷାଳୟରେ ଶୁକ୍ରବାର ମିଶନ ଶକ୍ତି ଦ୍ୱାରା ବ୍ଲକ ସ୍ତରୀୟ କବି ସମ୍ମିଳନୀରେ ମିଶନ ଶକ୍ତି ସଦସ୍ୟାମାନେ ଭାଗ ନେଇ ସ୍ୱରଚିତା କବିତା ପାଠ କରିଥିଲେ। ସ୍ଥାନୀୟ ବିଡିଓ ମନୋଜ କୁମାର ଦେବତା, ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ଡ ବବିତା ରାଣୀ ପଟ୍ଟନାୟକ, ସିଡିପିଓ କଳ୍ପନା ଶତପଥୀ, ମିଶନଶକ୍ତିର ଜିଲା ସଭାନେତ୍ରୀ କୁମୁଦିନି ଦିଗଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମିଶନଶକ୍ତି ବିପିଏସ ଓ କବିତା ଗମାଙ୍ଗ ସ୍ୱାଗତ ଭାଷଣ ଦେଇଥିଲେ। ବିପିସି ଶିଶିର କାନ୍ତ ଦିଗଲ ଧନ୍ୟବାଦ ଅର୍ପଣ କରିଥିଲେ। ବିପିଏମ ଅକ୍ଷୟ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତିନି ଜଣ ଶ୍ରେଷ୍ଠ କବୟିତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

